# ଆନ୍ଦୋଳନକୁ ଓହ୍ଲାଇଲେ ବରିଷ୍ଠ ବୁଣାକାର

## ୬ମାସର ବକେୟା ଭତ୍ତା ଦାବି

ରସୁଲପୁର,୨୫ା୯(ରଂଜିତ ରାଉତ)

ଓଡ଼ିଶା ବୁଣାକାର ମହାସଂଘ ପକ୍ଷରୁ ବୁଧବାର ରାଜ୍ୟର କୋଣ ଅନୁକୋଣରୁ ଶତାଧିକ ବରିଷ୍ଠ ବୁଣାକାର ଭୁବନେଶ୍ୱରସ୍ଥିତ ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ୬ମାସର ବକେୟା ବୁଣାକାର ଭତ୍ତା ପ୍ରଦାନ ଦାବିରେ ସେମାନେ ଏହି ଆନ୍ଦୋଳନ କରିଛନ୍ତି। ଯାଜପୁର ଜିଲା ଗୋପାଳପୁର ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ବୁଣାକାର ଏଥିରେ ସାମିଲ ହୋଇଥିଲେ। ଓଡ଼ିଶା ବୁଣାକାର ମହାସଂଘ ସଭାପତି ଶ୍ରୀଧର ବେହେରାଙ୍କ ନେତୃତ୍ୱରେ ବୁଣାକାରମାନେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରିଛନ୍ତି। ଦାବିପତ୍ରକୁ ନିର୍ଦ୍ଦେଶକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୋଭନ କିଷନ ସାହୁ ବିକ୍ଷୋଭସ୍ଥଳରେ ପହଞ୍ଚି ବୁଣାକାରଙ୍କଠାରୁ ଦାବିପତ୍ର ଗ୍ରହଣ କରିଛନ୍ତି। ଦାବିସମ୍ପର୍କରେ ସରକାରଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ସହାୟତା ଯୋଜନା ଜରିଆରେ ବୁଣାକାରଙ୍କ ଭତ୍ତାରାଶି ବୃଦ୍ଧି କରାଯାଇଛି। ବର୍ଦ୍ଧିତ ହାରରେ ବୁଣାକାରଙ୍କୁ ମାସିକ ୨୦୦୦ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବର୍ଦ୍ଧିତ ହାରରେ ଫେବୃଆରୀ ଓ ମାର୍ଚ୍ଚରେ ହିତାଧିକାରୀଙ୍କ ଜମାଖାତାକୁ ବର୍ଦ୍ଧିତ ଭତ୍ତାରାଶି ପ୍ରଦାନ କରାଯାଇଛି। ହେଲେ ଏପ୍ରିଲରୁ ଏବେ ସୁଧା ୬ମାସ ହେଲା ମୁଖ୍ୟମନ୍ତ୍ରୀଙ୍କ ବରିଷ୍ଠ ବୁଣକାର ସହାୟତା ରାଶି ପ୍ରଦାନ କରାଯାଉନାହିଁ। ଏହାକୁ ନେଇ ବୁଣାକାରଙ୍କ ମଧ୍ୟରେ ମେଳି ହେଉଥିବା ନେଇ ୨୩ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ବୁଣାକାର ସେମାନଙ୍କ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ଓ ବୁଣାକାର ନିର୍ଦ୍ଦେଶକଙ୍କୁ ଭେଟିବେ ବୋଲି ଆଲୋଚନା ହେଉଥିଲା। ଯାହାକି ବାସ୍ତବରୂପ ନେଇ ବୁଣାକାରଙ୍କ ମେଳି ନିର୍ଦ୍ଦେକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେଖିବାକୁ ମିଳିଛି। ବୁଣାକାରଙ୍କ ବକେୟା ଭତ୍ତା ତୁରନ୍ତ ପ୍ରଦାନ ସହ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ ବରିଷ୍ଠ ବୁଣାକାର ଅମୂଲ୍ୟ ସୁର ଦାବି କରିଛନ୍ତି। ଏଠାରେ ଆୟୋଜିତ ବୁଣାକାର ସମାବେଶରେ କଟକ ବୟନ ମଣ୍ଡଳର ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି, ଯୁଗ୍ମ ନିର୍ଦ୍ଦେଶକ ଦେବଜିତ୍ ନନ୍ଦି ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱରସ୍ଥିତ ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

## ସଂକ୍ଷେପରେ

### ଏଟିଏମ୍ ଗୃହ ଡୋର ପଡ଼ି ଯୁବକ ଗୁରୁତର



ବ୍ରହ୍ମବରଦା,୨୫ା୯(ଯଯାତି କେଶରୀ ବେହେରା)

ବ୍ରହ୍ମବରଦା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଗୃହ ଡୋର ଭାଙ୍ଗି ବୁଧବାର ଜଣେ ଯୁବକଙ୍କ ଉପରେ ପଡ଼ିବାରୁ ସେ ଗୁରୁତର ହୋଇଛନ୍ତି। ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଛନ୍ତି। ସେ ହେଲେ ବ୍ରହ୍ମବରଦା ଥାନା ଅଧୀନ ସିଠାଳୋଇ ଗ୍ରାମର ରତ୍ନାକର ମାହୁନ୍ତ(୩୫)। ରତ୍ନାକର ସକାଳେ ବ୍ରହ୍ମବରଦା ଦୁର୍ଗାମଣ୍ଡପ ନିକଟରେ ଥିବା ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଆସିଥିଲେ। ଏହି ସମୟରେ ହଠାତ ଉକ୍ତ ଏଟିଏମ ଗୃହରେ ଲାଗିଥିବା ଭଙ୍ଗା ଡୋରଟି ତାଙ୍କ ଉପରେ ଖସି ପଡ଼ିଥିଲା। ଫଳରେ ଡୋରରେ ଲାଗିଥିବା କାଚ ଭାଙ୍ଗିଯାଇ ତାଙ୍କ ଡାହାଣପଟ ଗୋଡରେ ଫୁଟିଯାଇଥିଲା। ଗୋଡ଼ରେ ଏକ ବଡ଼ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। କ୍ଷତ ସ୍ଥାନରେ ୯ ଷ୍ଟିଜ ପଡ଼ିଥିବା ଯୁବକ ଜଣଙ୍କ କହିଛନ୍ତି। ଅନ୍ୟପକ୍ଷରେ ଏହି ଏଟିଏମ୍ ଗୃହ ଆର୍ବଜନାରେ ପରିପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳୁଛି। ଟଙ୍କା ଉଠାଣ ସମୟରେ ଲାଇନ ଚାଲିଗଲେ ଟଙ୍କା ବାହାରିପାରୁ ନାହିଁ। ଗ୍ରାହକ ଟଙ୍କା ପାଇଁ ଲାଇନ ଆସିବା ପର୍ଯ୍ୟନ୍ତ ଏଟିଏମଟି ଆଗରେ ଅପେକ୍ଷା କରୁଛନ୍ତି। ତେଣୁ ଗ୍ରାହକଙ୍କ ନିରାପତ୍ତା ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏହାର ମରାମତି କରିବାପାଇଁ ବ୍ରହ୍ମବରଦା ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

### ମୂଳନିବାସୀ ୟୁନାଇଟେଡ଼ ଫୋରମର ଗଣଧାରଣା

ଯାଜପୁର,୨୫ା୯(ହର୍ଷବର୍ଦ୍ଧନ ବେହେରା)

ଦଳିତ ଶ୍ରମିକଙ୍କ ଛଟେଇ ପ୍ରତିବାଦରେ ବୁଧବାର ମୂଳନିବାସୀ ୟୁନାଇଟେଡ଼ ଫୋରମ ତରଫରୁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଣଧାରଣା ଦିଆଯାଇଥିଲା । ଧର୍ମଶାଳା ଥାନା ମାଣ୍ଡିଆସ୍ଥିତ ମାଟ୍ରିକ୍ସ ଫେରୋ ଏଲ୍‌ଏଲ୍‌ପି ପ୍ରାଇଭେଟ ଲିମିଟେଡ଼ ପ୍ଲାଣ୍ଟ ବନ୍ଦ କରାଯାଇଛି । ତେଣୁ ବିନା କାରଣରେ କମ୍ପାନୀ ବନ୍ଦ ନ କରାଯାଇ ଚାଲୁ କରିବା ସହ ଶ୍ରମ କଲ୍ୟାଣ ବୋର୍ଡର ସରକାରୀ ନିୟମ ଅନୁସାରେ ବେତନ ଓ ଅନ୍ୟାନ୍ୟ ସୁବିଧା ଓ ନିୟମିତ କାମ କରିବା, କମ୍ପାନୀ ଦଖଲରେ ଥିବା ଜଙ୍ଗଲ କିସମ ଓ ଅନାବାଦୀ ଜାଗାକୁ ଉଦ୍ଧାର କରିବାକୁ ଦାବି ନେଇ ବସିଥିଲେ । ଏହାପରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା କରି ତୁରନ୍ତ ନିଜେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ଜଙ୍ଗଲ ଜମି ଚିହ୍ନଟ ଓ ଉଦ୍ଧାର ପାଇଁ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ଦଳିତ ମହିଳା ନେତ୍ରୀ ସୁପ୍ରଭା ମଲିକ, ଶଙ୍କର୍ଷଣ ମଲିକ, କେନ୍ଦ୍ରାପଡା ଜିଲା ରାଷ୍ଟ୍ରୀୟ ବୌଦ୍ଧ ମହାସଭା ସଭାନେତ୍ରୀ ବିଳାସିନୀ ମଲିକ, ଯଶୋବନ୍ତ ଜେନା, ପଙ୍କଜ ମଲିକ,ମାନସ ମଲିକ ପ୍ରମୁଖ ଆଲୋଚନା କରିଥିଲେ ।

# ପାଟପୁର ଅଞ୍ଚଳରୁ ୭ ଫୁଟର ଅଜଗର ଉଦ୍ଧାର

ଧର୍ମଶାଳା,୨୫ା୯(ବଟକୃଷ୍ଣ ପରିଡ଼ା)



ଧର୍ମଶାଳା ଥାନା ପାଟପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ସୋମବାର ସନ୍ଧ୍ୟାରେ ଏକ ୭ ଫୁଟର ଅଜଗର ଉଦ୍ଧାର କରାଯାଇଛି। ପାଟପୁର ଗ୍ରାମର କେତେଜଣ ଯୁବକ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଏକ ଚାନ୍ଦିନିରେ ବସିଥିବାବେଳେ ଅଜଗର ରାସ୍ତା ପାର ହେଉଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ସ୍ଥାନୀୟ ଅଞ୍ଚଳର ସ୍ନେକ ହେଲ୍ପ ଲାଇନ ସଦସ୍ୟ ତପନ ପୃଷ୍ଟିଙ୍କୁ ଖବର ଦେଇଥିଲେ। ତପନ ରାତି ୮ ଟାରେ ସେଠାରେ ପହଞ୍ଚି ସାପକୁ ଉଦ୍ଧାର କରି ପଞ୍ଚାୟତ କାର୍ଯ୍ୟାଳୟରେ ରଖିଥିଲେ। ଏହାକୁ ଦେଖିବା ଲାଗି ପାଟପୁର ପଞ୍ଚାୟତ କାର୍ଯ୍ୟାଳୟରେ ଲୋକଙ୍କ ଭିଡ଼ ଜମିଥିଲା। ପରେ ତପନ ଏକ ବସ୍ତାରେ ସାପକୁ ନେଇ କାଏମା ପାହାଡ଼ରେ ଛାଡିଦେଇଥିଲେ। ଏତେବଡ଼ ଅଜଗର ଗାଁକୁ କେଉଁଠାରୁ ଆସିଲା ତାହାକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ବଡ଼ଚଣା,୨୫ା୯(ଦିଲ୍ଲୀପ କୁମାର ମହାନ୍ତି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା, ୟୁଥ ରେଡ୍‌କ୍ରସ ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଦିବସ ଅବସରରେ ଆୟୋଜିତ ଶିବିରରେ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। କଲେଜ ଅଧକ୍ଷ ପବିତ୍ର ମୋହନ ମାହାଲାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। କଲେଜ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ସଂଯୋଜକ ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ, ଡ. ଅମ୍ବିକା ତ୍ରିପାଠୀ, ଅଧ୍ୟାପକ ସର୍ବଶ୍ରୀ ନାରାୟଣ ମୁଦୁଲି, ଶାନ୍ତନୁ ରାଉତରାୟ, ପ୍ରଦୀପ କୁମାର ବରାଳ, ଡ. ଦୀପକ କୁମାର ମିଶ୍ର, ଅଧ୍ୟାପିକା ରଞ୍ଜିତା ସ୍ୱାଇଁ, ନିରୁପମା ସ୍ୱାଇଁ, ଇପ୍ସିତା ସାହୁ, ଦୀପକ କୁମାର ବରାଳ, ଡ. ସାମୁଏଲ ଲିମା, ଗିରିଶ କୁମାର ରାଉଳ, ଅଧ୍ୟାପିକା ଦିପସା ପ୍ରିୟଦର୍ଶନୀ ନାୟକ, ନାରାୟଣ ମୁଦୁଲି, ଅକ୍ଷୟ କୁମାର ରାଉତରାୟ, ହେମଲତା ସାହୁ, ସସ୍ମିତା ବେହେରା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। କଲେଜ ୟୁଥ ରେଡକ୍ରସ ସଂଯୋଜକ ଅଧ୍ୟାପକ ସତ୍ୟ କୁମାର ନାୟକ, ସସ୍ମିତା ବେହେରା, ଡ.ସରିତା ସେଠୀ, ସସ୍ମିତା ବେହେର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। କଟକ କେନ୍ଦ୍ରୀୟ ରେଡ୍‌କ୍ରସ ପକ୍ଷରୁ ଡ. ଅଭୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା। ଭକ୍ତ ଚରଣ ସାହୁ ଶିବିର ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ।

# ଯୁବକଙ୍କୁ ୫ କି.ମି. ଘୋଷାରି ନେଲା ଅଜଣା ଗାଡ଼ି



ମୃତଦେହ ମିଳିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

ଧର୍ମଶାଳା/କାଏମା/ବିଞ୍ଝାରପୁର, ୨୫ା୯ (ବଟକୃଷ୍ଣ ପରିଡ଼ା/ ଶିବପ୍ରସାଦ ମହାନ୍ତି/ରାମକୃଷ୍ଣ ଦାସ)

## ରାଜପଥରୁ ମୃତଦେହ ଜବତ

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଦେଉଳି ନିକଟ ଓଭରବ୍ରିଜରୁ ବୁଧବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ପହିରଖା ଗ୍ରାମର ସୁବାସ ମଲିକ(୪୩)। ସୋମବାର ରାତି ପ୍ରାୟ ୧୦ଟାରେ ସୁବାସ କଟକସ୍ଥିତ ଗୋପାଳପୁର ଅଞ୍ଚଳକୁ ଏକ ବାଇକରେ ଆସିଥିଲେ। କୁଆଖିଆ ଥାନା ଅଧୀନ ଗୋପାଳପୁର ନିକଟରେ କୌଣସି ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘୋଷାରି ଆଣିଥିବା ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ତାଙ୍କ ବାଇକ୍‌କୁ ସେଠାରୁ ଜବତ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି। ତେବେ ଦୁର୍ଘଟଣା ପରେ ତାଙ୍କ ଶରୀରକୁ କୁଆଖିଆ ଗୋପାଳପୁର ଅଞ୍ଚଳରୁ ଦେଉଳି ପର୍ଯ୍ୟନ୍ତ ପାଖାପାଖି ୫ କିଲୋମିଟର କିଭଳି ଏକ ଗାଡି ଘୋଷାରି ଆଣିଲା ତାହା ସହଜରେ ଗ୍ରହଣୀୟ ହୋଇପାରୁନାହିଁ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ ପୋଲିସ ନଂ.୭୦୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବଦଳିଲେ କଳିଙ୍ଗନଗର ଏଡିଏମ୍

- ସପନ କୁମାର ନନ୍ଦ ନୂଆ ଏଡିଏମ୍
- ଲଙ୍କେଶ୍ୱର ଅମାତଙ୍କୁ ଭଦ୍ରକ ଏଡିଏମ୍ ଭାବେ ବଦଳି

ଯାଜପୁର,୨୫ା୯(ହର୍ଷବର୍ଦ୍ଧନ ବେହେରା)

କଳିଙ୍ଗନଗର ଅତିରିକ୍ତ ଜିଲାପାଳ (ଏଡିଏମ୍) ଭାବେ ଲଙ୍କେଶ୍ୱର ଅମାତ ଦାୟିତ୍ୱ ନେବାର ୭ ମାସ ନ ପୂରୁଣୁ ତାଙ୍କର ଏଠାରୁ ବଦଳି ହୋଇଥିବା ନେଇ ବୁଧବାର ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି। ଅମାତ ଗତ ଫେବୃଆରୀ ୯ରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ନେଇଥିଲେ। ତାଙ୍କ ସ୍ଥାନରେ ଢେଙ୍କାନାଳ ଉପ ଜିଲାପାଳ ସପନ କୁମାର ନନ୍ଦଙ୍କୁ ଅବସ୍ଥାପିତ କରାଯାଇଛି । ପୂର୍ବରୁ ନନ୍ଦ ବ୍ୟାସନଗର ତହସିଲଦାର, କଳିଙ୍ଗନଗର ଜମି ଅଧିଗ୍ରହଣ ଅଧିକାରୀ, ବ୍ୟାସନଗର ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। କଳିଙ୍ଗନଗର, ବ୍ୟାସନଗର ସହର ସମ୍ପର୍କରେ ସେ ବିଶେଷ ଅବଗତ ଥିବାରୁ ଏବେ ତାଙ୍କ ନିଯୁକ୍ତି ପରେ ସହରବାସୀ ତାଙ୍କ ଠାରୁ ଉତ୍ତମ ପ୍ରଶାସନିକ ସେବା ଆଶା ରଖିଛନ୍ତି।

# ଦରମା ଦାବିରେ ବ୍ଲକ ଘେରିଲେ ଏମ୍‌ବିକେ, ସିଆରପି

ପ୍ରୀତିପୁର,୨୫ା୯(ସୁଶାନ୍ତ ବେହୁରିଆ)



ଦଶରଥପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ର ଏବଂ ଏଲଏସପିମାନେ ଦୀର୍ଘ ମାସ ଧରି ଦରମା ନ ପାଇ ନାନା ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ବିଭାଗୀୟ ଅଧିକାରୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ୩୫ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀମାନେ ବ୍ଲକ ସମ୍ମୁଖରେ ପ୍ରତିବାଦ କରିବା ସହିତ ଦଶରଥପୁର ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ତ୍ରିଲୋଚନ ସେଠୀଙ୍କୁ ପ୍ରଦାନ କରିଛନ୍ତି। ସେମାନେ ୧୨ ବର୍ଷ ଧରି ସ୍ୱଳ୍ପ ଦରମାରେ ନିରବଚ୍ଛିନ୍ନ ଭାବରେ ସରକାରଙ୍କ ବିଭିନ୍ନ ଯୋଜନାକୁ ତୃଣମୂଳସ୍ତରରେ ରୂପାୟନ କରି ଆସୁଛନ୍ତି। ମାତ୍ର ଦରମା ନ ମିଳିବାରୁ ସେମାନଙ୍କ ପରିବାର ଦୁଃଖ କଷ୍ଟରେ କାଳାତିପାତ କରୁଥିବା ଦେଖାଯାଇଛି। ସରକାର ଏହି ୬ କ୍ୟାଡର ଅନ୍ତର୍ଭୁକ୍ତ କର୍ମୀଙ୍କ ଦାବି ସମ୍ପର୍କରେ ଯଦି ବିଚାର ନ କରନ୍ତି ତେବେ ସେମାନେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିବେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପ୍ରତିବାଦ ସଭାରେ ଗ୍ରାମ ପଞ୍ଚାୟତସ୍ତରୀୟ ଫେଡେରେଶନ କର୍ମୀ ଅରୁଣିବାଳା ସୁତାର, ପୁଷ୍ପାଞ୍ଜଳି ଦାସ, ଆଶାଲତା ନାୟକ, ବନଜା ନାୟକ, ଶୈଳବାଳା ମହାପାତ୍ର, ସୁରଭି ଦାସ, ସ୍ୱର୍ଣ୍ଣଲତା ଦାସ, ସୁନିତା ସାହୁ, ସ୍ୱର୍ଣ୍ଣଲତା ସୁତାର, ନିରୁପମା ବେହେରା, ପ୍ରିୟଙ୍କା ପଥାଳ ପ୍ରମୁଖ ସାମିଲ ହୋଇଥିଲେ।

# କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତ୍ତି

ଧର୍ମଶାଳା,୨୫ା୯(ବଟକୃଷ୍ଣ ପରିଡ଼ା)



କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ ପାରିଶ୍ରମିକ ମିଳୁ ନ ଥିବାରୁ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସଂଘର ଆହ୍ୱାନକ୍ରମେ ଧର୍ମଶାଳା ବ୍ଲକରେ ମିଶନ ଶକ୍ତି ମହିଳାଙ୍କ ପକ୍ଷରୁ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଜିପିଏଲଏଫ ସଂଘ ସଭାନେତ୍ରୀ ଝୁନୁବାଳା ଦାସ ଓ ସମ୍ପାଦକ ମିତାରାଣୀ ନାଥଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନିଜର କ୍ଷୋଭ ଜଣାଇଛନ୍ତି। ଦୀର୍ଘ ୧୨ବର୍ଷ ଧରି ମିଶନ ଶକ୍ତିର ମହିଳାମାନେ ସରକାରଙ୍କ ସମସ୍ତ ଯୋଜନା ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିଆସୁଥିବାବେଳେ ୬ମାସ ହେବ ପାରିଶ୍ରମିକ ପାଉନାହାନ୍ତି। ଏନେଇ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ ସୁଦ୍ଧାକୌଣସି ସୁଫଳ ମିଳିନାହିଁ। ଫଳରେ ସେମାନଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି କହିଛନ୍ତି। ଏଥିରେ ଉପସଭାନେତ୍ରୀ ମମତା ସେଠୀ, କୋଷାଧ୍ୟକ୍ଷ ରୀନା ସେନାପତି, ମୋନାଲିଶା ଧଳ, ପୁଣି ସେଠୀ, ରୁନୁ ଲାଲା, ସ୍ନେହପ୍ରଭା ସାହୁ, ସୁକାନ୍ତି ନାୟକ ଓ କଳ୍ପନା ସାହୁ ପ୍ରମୁଖ ଶତାଧିକ ମିଶନ ଶକ୍ତି କର୍ମୀ ଯୋଗଦେଇଥିଲେ।

# ଡିଆରଡିଏ ଏଷ୍ଟିମେଟରଙ୍କୁ ଜବାବ ତଲବ

ଯାଜପୁର,୨୫ା୯(ହର୍ଷବର୍ଦ୍ଧନ ବେହେରା)

## ସରକାରୀ ଚାକିରି, ବେସରକାରୀ କାର୍ଯ୍ୟ

ସରକାରୀ ଚାକିରିରେ ଥାଇ ଛୁଟି ନେଇ ଔଷଧ ବ୍ୟବସାୟ ସଂଘର ବୈଠକରେ ଯୋଗ ଦେଇ ଯାଜପୁର ଜିଲା ପରିଷଦ ଏଷ୍ଟିମେଟର ଜେଇ ଦୀପକ କୁମାର ଆଚାର୍ଯ୍ୟ ଅଡୁଆରେ ପଡିଛନ୍ତି। ଏନେଇ ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ୨୨।୮।୨୦୨୪ରେ ଆଚାର୍ଯ୍ୟଙ୍କୁ କାରଣ ଦର୍ଶାଅ ନୋଟିସ ଦେଇଥିଲେ ବି ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହି କାରଣ ଦର୍ଶାଅ ନୋଟିସ କେବଳ କାଗଜପତ୍ରରେ ସୀମିତ ରହିଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ ସମ୍ପୃକ୍ତ ସରକାରୀ କର୍ମଚାରୀ ଯାଜପୁର ଜିଲା ପରିଷଦ କାର୍ଯ୍ୟାଳୟରେ ଏଷ୍ଟିମେଟର ଭାବେ କାର୍ଯ୍ୟ କରୁଛନ୍ତି। ଏହାସତ୍ତ୍ୱେ କିପରି ରାଜ୍ୟ ଔଷଧ ବ୍ୟବସାୟ ସଂଘର ସାଧାରଣ ସମ୍ପାଦକ ପଦରେ ରହିଛନ୍ତି ଓ ବିଭିନ୍ନ ଜିଲାକୁ ଯାଇ ସଂଘର ବୈଠକରେ ଯୋଗ ଦେଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରାଯାଇ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ଅନ୍ୟପକ୍ଷେ ଆଚାର୍ଯ୍ୟଙ୍କୁ ପୂର୍ବରୁ ହୋଇଥିବା କାରଣ ଦର୍ଶାଅ ନୋଟିସରେ ଦର୍ଶାଯାଇଛି, ସେ ୨୦।୮।୨୦୨୪ ରୁ ୨୧।୮।୨୦୨୪ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟିରେ ଥିଲେ। କିନ୍ତୁ ବିଭାଗ ନିକଟରେ ଖବର ପହଞ୍ଚିଥିଲା, ସେ ୨୧।୮।୨୦୨୪ରେ ବରଗଡ଼ ଜିଲା ଗଣପତି ହୋଟେଲରେ ହୋଇଥିବା ଉତ୍କଳ କେମିଷ୍ଟ ଡ୍ରଗିଷ୍ଟ ଆସୋସିଏଶନ ବୈଠକରେ ଯୋଗଦେଇଥିଲେ। ଏହା ଓଡ଼ିଶା ସରକାରଙ୍କ ସର୍ଭିସ କଣ୍ଡକ୍ଟ ରୁଲ୍ସ–୧୯୫୯ର ଉଲ୍ଲଂଘନ ହୋଇଛି। ତେଣୁ କାହିଁକି ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେ ନେଇ ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ନୋଟିସ ହୋଇଥିଲା।

ଏ ସମ୍ପର୍କରେ ଯାଜପୁର ଜିଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆଙ୍କୁ ପଚାରିବାରୁ ସେ କହିଲେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି ଏବଂ ଘଟଣାର ତଦନ୍ତ ଚାଲୁ ରହିଛି। ଖୁବ୍‌ଶୀଘ୍ର ଜିଲାପାଳଙ୍କୁ ଅବଗତ କରାଯିବ। ଏ ସମ୍ବନ୍ଧରେ ଲଳିତେଶ୍ୱର୍ ମେଡିସିନ ଷ୍ଟୋରର ମାଲିକ ଅଜୟ କୁମାର ଦାସ କୁହନ୍ତି, ଆମେ ଜାଣିଛୁ ଦୀପକ ଆଚାର୍ଯ୍ୟ ଆମ ଯାଜପୁର ଜିଲା ପରିଷଦରେ ଏଷ୍ଟିମେଟର ଭାବେ ସରକାରୀ ଚାକିରୀ କରିଛନ୍ତି। ତାଙ୍କର କୌଣସି ଔଷଧ ବ୍ୟବସାୟର ଲାଇସେନ୍ସ ନାହିଁ। ସେ ନିଜକୁ ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ସଂଘର ସାଧାରଣ ସମ୍ପାଦକ କହି ଆମକୁ ଡାକବଙ୍ଗଳା, ଅଫିସକୁ ଡାକି ବିଭିନ୍ନ ପ୍ରଲୋଭନ ଦେଖାନ୍ତି ଓ କୁହନ୍ତି ମୋ କଥାରେ ଚାଲ ମୁଁ ତୁମର ସବୁ କଥା ବୁଝିବି। ଏ ସଂକ୍ରାନ୍ତରେ ଦୀପକ ଆଚାର୍ଯ୍ୟଙ୍କ ମତାମତ ନେବାକୁ ତାଙ୍କୁ ଯୋଗାଯୋଗ କରା ଯାଇ ଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ ।

# ଜମି ପଟ୍ଟା ପାଇଁ ତହସିଲଦାରଙ୍କୁ ଦାବିପତ୍ର

ଚଣ୍ଡିଖୋଲ/ଛତିଆ,୨୫ା୯ (ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ)



ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଭୂମିହୀନ ପରିବାର ସଦସ୍ୟ।

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ଛତିଆ ପଞ୍ଚାୟତ ଅମରାବତୀ ପାଟଣା ଗ୍ରାମରେ ବସବାସ କରୁଥିବା କେତେଜଣ ଭୂମିହୀନ ବ୍ୟକ୍ତି ବୁଧବାର ଜମିପଟ୍ଟା ପାଇଁ ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦାବିପତ୍ରରେ ଦର୍ଶାଇଛନ୍ତି, ଗ୍ରାମରେ ଦୀର୍ଘ ବର୍ଷ ହେବ ୩୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଜମି ପଟ୍ଟା ମିଳିନାହିଁ। ଏନେଇ ସେମାନେ ବାରମ୍ବାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାଜ୍ୟ ସରକାରଙ୍କ ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ୪ ଡିସିମିଲ ଜମି ଯୋଗାଇ ଦେବାକୁ ନିୟମ ରହିଥିବାବେଳେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ହେଲେ ଭୂମିହୀନଙ୍କୁ ଜମି ନ ଦେଇ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଭୂମିହୀନ ଦର୍ଶାଇ ତହସିଲଦାର ଜମି ଦେବାକୁ ନୋଟିସ ଜାରି କରିଛନ୍ତି। ୩୦ରୁ ଊର୍ଦ୍ଧ୍ୱ ପରିବାର ଭୂମିହୀନ ଭାବରେ ସରକାରଙ୍କ ଅନାବାଦୀ ସ୍ଥାନରେ ରହୁଛନ୍ତି ଓ ମଜୁରିଆ ଭାବେ କାର୍ଯ୍ୟ କରୁଛନ୍ତି। ହେଲେ ସମସ୍ତଙ୍କୁ ଅଣଦେଖା କରି ଜଣେ ପ୍ରଭାବଶାଳୀ ବ୍ୟବସାୟୀଙ୍କ ପରିବାରକୁ କିପରି ଭୂମିହୀନ ଦର୍ଶାଇ ଜମି ଯୋଗାଇ ଦେବାକୁ ଗତ ୧୧ ତାରିଖରେ ନୋଟିସ ଜାରି କରାଯାଇଛି ସେ ସମ୍ପର୍କରେ ତହସିଲଦାରଙ୍କୁ ସେମାନେ ଜଣାଇଛନ୍ତି। ତେଣୁ ତୁରନ୍ତ ଏଭଳି ନିଷ୍ପତ୍ତି ଅଗ୍ରାହ୍ୟ କରି ସମସ୍ତ ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ସାମିଲ କରି ଜମିପଟ୍ଟା ପ୍ରଦାନ କରିବାକୁ କେଶବ ବିନ୍ଧାଣୀ, ବିକାଶ ସାମଲ, କୃଷ୍ଣଚନ୍ଦ୍ର ସିଂହ, ନରେନ୍ଦ୍ର ବିନ୍ଧାଣୀ, ଦୀପକ ବଳ, ଲକ୍ଷ୍ମୀଧର ବିନ୍ଧାଣୀ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷରେ ତଦନ୍ତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ତହସିଲଦାର ମାନସ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

# ଡିଆଇପିଆର୍‌ଓଙ୍କ ମେସେଜ୍‌କୁ ନେଇ ତୀବ୍ର ଅସନ୍ତୋଷ

ଜଗତ୍‌ସିଂହପୁର, ୨୫।୯
(ପ୍ରମୋଦ କୁମାର ନାୟକ)

- ଜିଲା ପରିଷଦ ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ ଆଳରେ ଅସମ୍ମାନ
- ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସରେ ଟୁଇଟ୍‌କଲେ ଦଳିତ ବିକାଶ ପରିଷଦ ସଭାପତି ଶଙ୍କର

ବିଜେଡି ସରକାର ପରିବର୍ତ୍ତନ ହେଲା ପରେ ଭାଜପା ସରକାର ଗଠନ ହୋଇଛି। ଭାଜପା ସରକାର ଗଠନ ଓ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ଲୋକସେବା ଭବନକୁ ପ୍ରଥମ ଦିନ ଯାଇଥିଲେ। ଦୀର୍ଘଦିନରୁ ଗଣମାଧ୍ୟମ ପ୍ରତିନିଧିଙ୍କ ଲାଗି ବନ୍ଦ ଥିବା ଲୋକସେବା ଭବନକୁ ସେହିଦିନ ଖୋଲାଯାଇଥିବାରୁ ସାହାଣମେଲା ହୋଇଥିଲା। ସମସ୍ତ ଗଣମାଧ୍ୟମରେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପ୍ରଶଂସା କରାଯାଇଥିଲା। ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ଭାଜପା ସରକାର ଗଣମାଧ୍ୟମ ସହ ରହିବ। ହେଲେ ଜଗତ୍‌ସିଂହପୁର ଜିଲାରେ ଏହାର ବିକଳ ଚିତ୍ର ଦେଖିବାକୁ ମିଳିଛି। ପୂର୍ବାହ୍ନ ସାଢ଼େ ୧୦ଟାରେ ବୈଠକ। ସକାଳ ୯ଟା୩୪ ମିନିଟ୍‌ରେ ଯୋଗଦେବାକୁ ମେସେଜ୍। ଆଉ ଏହି ମେସେଜ୍ ପଢ଼ିଲେ ଯେ କେହି ପ୍ରତିକ୍ରିୟା ପ୍ରକାଶ କରିବା ସ୍ୱାଭାବିକ। ଏଭଳି ହ୍ୱାଟ୍ସଆପ୍ ମେସେଜ୍‌କୁ ନେଇ କୌଣସି ସାଧାରଣ ଲୋକ ନୁହନ୍ତି, ଜଗତ୍‌ସିଂହପୁର ଜିଲାର ଗଣମାଧ୍ୟମ ପ୍ରତିନିଧିମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏପରିକି ଏହି ମେସେଜ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଗଣମାଧ୍ୟମକୁ କିପରି ସମ୍ମାନ ଦିଆଯାଉଛି ସେ ସମ୍ପର୍କରେ ଅବଗତ କରାଯାଇ ମୋହନ ସରକାରଙ୍କ ଲୋକପ୍ରିୟତା ଉପରେ ଆଙ୍ଗୁଳି ଉଠିଛି।

ପ୍ରସଙ୍ଗ ହେଲା ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଜଗତ୍‌ସିଂହପୁର ୬ଷ୍ଠ ଜିଲା ପରିଷଦର ୫ମ ସାଧାରଣ ବୈଠକ ହେବାର ଥିଲା। ଏଥିରେ ଜିଲା ମୁଖ୍ୟାଳୟରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଯୋଗଦେବା ପାଇଁ ପ୍ରେସ୍ ଗ୍ରୁପ୍, ଡିଆଇପିଆର୍‌ଓ, ଜେଏସ୍‌ପୁର ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ବୁଧବାର ସକାଳ ୯ଟା୩୪ ମିନିଟ୍‌ରେ ମେସେଜ୍ ଆସିଥିଲା। ବୈଠକର ମାତ୍ର ୫୬ ମିନିଟ୍ ପୂର୍ବରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ଦାୟିତ୍ୱରେ ଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ (ଏସ୍‌ଡିପିଆଇଆର୍‌ଓ) ଏହି ମେସେଜ୍ କରି ଗଣମାଧ୍ୟମ ପ୍ରତିନିଧିଙ୍କ ମନରେ ଅସନ୍ତୋଷ ଭରି ଦେଇଥିଲେ। କାରଣ ବାସ୍ତବରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ବୈଠକରେ ଉପସ୍ଥିତ ରହିବାକୁ ନୁହେଁ, ବରଂ ଅପମାନିତ କରିବାକୁ ଡକାଯାଇଥିବା ବାରି ହୋଇପଡିଥିଲା। ବୈଠକରେ ମନ୍ତ୍ରୀ, ବିଧାୟକ, ଏମ୍‌ପି, ଜିଲା ପରିଷଦ ସଭାପତି, ସଭ୍ୟାସଭ୍ୟ, ପଞ୍ଚାୟତ ସମିତି ସଭ୍ୟାସଭ୍ୟ, ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଶତାଧିକଙ୍କୁ


20:52
Shankar Das,Pre...
1,740 posts
Posts Replies Media
Shankar Das,President,Dalit... · 11h
@CMO_Odisha @MohanMajhiCMO @SecyChief @IPR_Odisha @rdmodisha @RCuttack @CollectorJspur @Jagatsinghpur @DIPROJAGATSING1
Zilla Parishad Meeting at 10.30 AM where as DIPRO, Jagatsinghpur invited to media persons at 9.36 AM
" ଆନ୍ତରିକ ଧନ୍ୟବାଦ DIPRO, Jagatsinghpur ମହାଶୟଙ୍କୁ
All the media friends are requested to be present at the 5th General meeting of Zilla Parishad to take photographs before commencement of the meeting.The meeting starts at 10.30 am.
You may wait to take bites of Hon'ble Minister and other dignitaries after the meeting is over.
Regards
DIPRO, JAGATSINGHPUR
10.30 ରେ ମିଟିଂ, ୯ଟା 36 ରେ ସାମ୍ବାଦିକ ଙ୍କୁ ଡକାଯାଉଛି

୨ ଦିନ ପୂର୍ବରୁ ଯୋଗଦେବାକୁ ଅନୁରୋଧ କରାଯାଇଥିଲେ ସୁଦ୍ଧା ଗଣମାଧ୍ୟମ ପ୍ରତିନିଧିଙ୍କୁ କେବଳ ଔପଚାରିକତା ପୂରଣ ପାଇଁ ୫୬ ମିନିଟ୍ ପୂର୍ବରୁ ହ୍ୱାଟ୍ସଆପ୍ ମେସେଜ୍‌ରେ ନିମନ୍ତ୍ରଣ କରାଯିବା ଆଲୋଚନାର ବିଷୟ ହୋଇଛି। ବଡ଼ କଥା ହେଲା ମେସେଜ୍‌ଟି ଗଣମାଧ୍ୟମ ପ୍ରତିନିଧିଙ୍କୁ ଅପମାନିତ କରିଥିବା ଅନେକ ପ୍ରତିନିଧି ପ୍ରତିକ୍ରିୟାରେ କହିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ମେସେଜ୍‌ରେ ସ୍ପଷ୍ଟ କରାଯାଇଥିଲା ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁରୋଧ ଏହି ବୈଠକ ଚାଲୁ ପୂର୍ବରୁ ଫଟୋଗ୍ରାଫ ନେବା ପାଇଁ ଉପସ୍ଥିତ ରହିବେ। ଅର୍ଥାତ୍ ବୈଠକ ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ଫଟୋ ସଂଗ୍ରହ କରିନେବେ। ମନ୍ତ୍ରୀ ଓ ଅନ୍ୟ ଅତିଥିଙ୍କ ବାଇଟ୍ ନେବାକୁ ଚାହିଁଲେ ବୈଠକ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ବାସ୍ତବରେ ଏଭଳି ମେସେଜ୍ ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆଘାତ ଦେଇଛି। ରାଜ୍ୟରେ ମୋହନ ସରକାର ଆସିଲା ପରେ ଗଣମାଧ୍ୟମକୁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଯଥା ପୂର୍ବଂ ତଥା ପରମ୍ ଭଳି ଅନୁଭୂତ ହେଉଥିବା ଗଣମାଧ୍ୟମ ପ୍ରତିନିଧିମାନେ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପକ୍ଷେ ଜିଲା ଦଳିତ ବିକାଶ ପରିଷଦ ସଭାପତି ଶଙ୍କର ଦାସ ଏହି ମେସେଜ୍‌କୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଆର୍‌ଡିସି, ଜଗତ୍‌ସିଂହପୁର ଜିଲାପାଳ ଓ ଡିଆର୍‌ପିଆର୍‌ଓଙ୍କୁ ଏକ୍ସରେ ଟୁଇଟ୍ କରି ଡିଆଇପିଆର୍‌ଓଙ୍କୁ ଏଭଳି ନିମନ୍ତ୍ରଣ ପାଇଁ ଆନ୍ତରିକ ଧନ୍ୟବାଦ ବୋଲି ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଏହି ବୈଠକରେ ଆମନ୍ତ୍ରିତ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, କର୍ମଚାରୀ, ପୋଲିସ କର୍ମଚାରୀ ପ୍ରମୁଖ ୨୦୦ ଲୋକଙ୍କ ପାଇଁ ସୁସ୍ୱାଦୁ ଖାଦ୍ୟ ବ୍ୟବସ୍ଥା ହୋଇଥିଲା। କିନ୍ତୁ ନିମନ୍ତ୍ରିତଙ୍କ ବାଦ୍ ମଧ୍ୟ ଅନେକ ସାଧାରଣ, ଦଳୀୟ ଲୋକ ଯୋଗଦେଇଥିବା କୁହାଯାଇଛି। ଏ ସମ୍ପର୍କରେ ଭାରପ୍ରାପ୍ତ ଡିଆଇପିଆର୍‌ଓ ପ୍ରତିଚୀ ତନୟା ମହାନ୍ତିଙ୍କ ମୋବାଇଲ ଫୋନ ନମ୍ବର ୯୪୩୭୫୪୬୨୩୩କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉଠାଇ ନ ଥିଲେ।

# ଭବିଷ୍ୟତ ପାଇଁ ଏବେଠୁ ସତର୍କ ରହିବା

## ୪୭ତମ ବିଶ୍ୱ ନୌବାଣିଜ୍ୟ ଦିବସ ପାଳିତ

ପାରାଦୀପ, ୨୫।୯ (ଶରତ ରାଉତ)

ପାରାଦୀପ ବନ୍ଦର ମେରାଇନ୍ ବିଭାଗ ପକ୍ଷରୁ ବୁଧବାର ବିଶ୍ୱ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। ବନ୍ଦର ୱେଟ୍ ବେସିନ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଉପ ସଂରକ୍ଷକ କ୍ୟାପ୍‌ଟେନ ଅଲେଖ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଓଡ଼ିଶା ମେରିଟାଇମ ଏକାଡେମୀ ଛାତ୍ର, ମେରାଇନ୍ କର୍ମଚାରୀ ଆଦି ସାମିଲ ହୋଇଥିଲେ। ଚଳିତ ବର୍ଷର ଆଇଏମ୍‌ଓ (ଇଣ୍ଟରନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେଶନ) ବାର୍ତ୍ତା ରହିଛି ନାଭିଗେଟିଂ ଦି ଫ୍ୟୁଚର। ଭବିଷ୍ୟତ ପାଇଁ ଏବେଠୁ ସତର୍କ ଓ ସୁରକ୍ଷିତ ରହିବା ଦରକାର। ସନ୍ଧ୍ୟାରେ ଅଫିସର୍ସ କ୍ଲବ ପରିସରରେ ମେରାଇନ୍ ଇଞ୍ଜିନିୟର ଏମ୍. କେ. ମହାନ୍ତଙ୍କ ଅଧକ୍ଷତାରେ ଆଲୋଚନା ହୋଇଥିଲା। କ୍ୟାପ୍‌ଟେନ ଏସ୍. ଏସ୍. ମିଶ୍ର ଅତିଥି ଭାବେ ଯୋଗଦେଇ ମେରାଇନ୍ କର୍ମଚାରୀମାନଙ୍କୁ ପ୍ରଥମେ ସୁରକ୍ଷା ତା' ପରେ ଯାତ୍ରା ବୋଲି କହିଥିଲେ। ସୂଚନାଯୋଗ୍ୟ, ଆଇଏମ୍‌ଓ ୧୯୭୮ ଏହି ନୌବାଣିଜ୍ୟ ଦିବସ ପାଳନ ଆରମ୍ଭ କରିଥିଲା। ଭାରତରେ ଜାହାଜ ଚଳାଚଳ ମନ୍ତ୍ରଣାଳୟ ନିର୍ଦ୍ଦେଶକ ସେପ୍ଟେମ୍ବର ୩ୟ ସପ୍ତାହରେ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।


ନୌବାଣିଜ୍ୟ ଦିବସରେ ଯୋଗଦେଇଥିବା ଓଡ଼ିଶା ମେରିଟାଇମ ଏକାଡେମୀ ଛାତ୍ର ଓ ମେରାଇନ୍ କର୍ମଚାରୀ।

# କଟକ-ଚାନ୍ଦବାଲି ରାସ୍ତା ୪ ଲେନ୍ ପାଇଁ ଦାବିପତ୍ର

କେନ୍ଦ୍ରାପଡ଼ା, ୨୫।୯ (ଜଗନ୍ନାଥ ଧଳ)

କଟକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ୪ ଲେନ୍ କରାଯାଉ। ଏପରି ଦାବି ଜିଲା ଜନ ସୁରକ୍ଷା ମଞ୍ଚ ପକ୍ଷରୁ ବୁଧବାର କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ କରାଯାଇଛି। ଏ ସମ୍ପର୍କରେ ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଗମନାଗମନ ସୁଯୋଗ ଦେଶ ବିକାଶକୁ ଅଗ୍ରଗତି କରିଥାଏ। ତେବେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏହି ରାଜ୍ୟ ରାଜପଥକୁ ଚାପଗ୍ରସ୍ତ କରିଛି। ଫଳରେ ଯାନବାହନ ଦୁର୍ଘଟଣା ଦିନକୁଦିନ ବଢୁଛି। ପୂର୍ବରୁ ଏହି ରାସ୍ତା ଯୋଗାଯୋଗ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଦୀର୍ଘଦିନ ପରେ ରାସ୍ତାଟି ୨ ଲେନ ହେବା ପରେ ଯାନବାହନ ଚଳାଚଳ କ୍ଷେତ୍ରରେ ଉନ୍ନତି ଆସିଛି। ମାତ୍ର ବିଭିନ୍ନ କାରଣରୁ ସଂଖ୍ୟାଧିକ ଯାନବାହନ ଚଳାଚଳ ସମ୍ପ୍ରତି ହେଉଥିବାବେଳେ ଯାତାୟାତ ସମସ୍ୟା ଦେଖାଦେଇଛି। କଟକରୁ ଚାନ୍ଦବାଲି ମଧ୍ୟ ଦେଇ ଏବେ ଭଦ୍ରକ ପର୍ଯ୍ୟନ୍ତ ବସ୍ ଚଳାଚଳ କରୁଛି। ସେହିପରି ରାଜନଗରର ଜାତୀୟଉଦ୍ୟାନ ଭିତରକନିକାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ଏଥିସହ ଯାଜପୁର ଜିଲା ସହ ସଂଯୋଗ ରାସ୍ତା ହୋଇଥିବାରୁ ଯାତ୍ରୀ ପରିବହନ ଗାଡ଼ି ସଂଖ୍ୟା ବଢୁଛି। ସେହିପରି ଟୋଲ୍ ଗେଟରୁ ରକ୍ଷା ପାଇଁ କଟକରୁ ଆସୁଥିବା ପଣ୍ୟ ପରିବହନ ଗାଡ଼ିଗୁଡ଼ିକ ଦୁହୁରିଆ ପର୍ଯ୍ୟନ୍ତ ଆସି ପାରାଦୀପକୁ ଯାଉଛି। ଏହି ରାସ୍ତା ଉପରେ ୨୫ ଟନ୍‌ରୁ ଅଧିକ ସାମଗ୍ରୀ ବହନ କରୁଥିବା ଗାଡ଼ି ଚଳାଚଳ ଯୋଗୁ ସ୍ୱଳ୍ପ ସମୟ ମଧ୍ୟରେ ରାସ୍ତାର ଭିତ୍ତିଭୂମି ନଷ୍ଟ ହେଉଛି। ସେହିପରି ରାସ୍ତାରେ ଯାତ୍ରୀଙ୍କ ସଂଖ୍ୟା ଅଧିକ ରହୁଥିବା ଯୋଗୁ ଆପଦକାଳୀନ ଗାଡ଼ି ଚଳାଚଳ ବ୍ୟାହତ ହେଉଛି। ୪ ଲେନ୍ ହେଲେ ଏହି ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ ବୋଲି ସେ ମତ ଦେଇଛନ୍ତି।

# ୩ ଆହତ ଡାକ୍ତରଖାନାରୁ ଫେରିଲେ

## ଜମି ବିବାଦକୁ ନେଇ ଘରପୋଡ଼ି ଘଟଣା

ଜଣେ ଆହତଙ୍କ ଚିକିତ୍ସା ଜାରି

ଡେରାବିଶ, ୨୫।୯ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ଫାଣ୍ଡି ଅଧୀନରେ ଥିବା ଡେରାବିଶ ବ୍ଲକ ଯଅଁରାବାଗିମୂଳ ପଞ୍ଚାୟତ ତେରମା ଗାଁରେ ମଙ୍ଗଳବାର ରାତିରେ ଜମି ବିବାଦକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏହି ଘଟଣାରେ ଜଣଙ୍କ ଗୁହାଳକୁ ଜାଳି ଦିଆଯାଇଥିଲା। ଗୁହାଳରେ ଥିବା ୩ ଗାଈ ପୋଡ଼ିଯାଇଥିଲା। ଗୋଟିଏ ପକ୍ଷର ଆକ୍ରମଣରେ ଅନ୍ୟ ପରିବାରର ୩ଜଣ ଗୁରୁତର ହୋଇଥିଲେ। ଏହାକୁ ନେଇ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏଥିସହ ଏହି ଗଣ୍ଡଗୋଳରେ ୪ଜଣ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଘରକୁ ଫେରିଥିବା ବେଳେ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ପୋଲିସ ହେପାଜତରେ ଏବେ ବି ଚିକିତ୍ସିତ ହେଉଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। କେନ୍ଦ୍ରାପଡ଼ା ସଦର ଥାନାରେ ଗ୍ରାମର ପ୍ରବୀର କୁମାର ସ୍ୱାଇଁଙ୍କ ଦ୍ୱାରା ହୋଇଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଜାଗାରେ ଭିକାରୀ ଚରଣ ସ୍ୱାଇଁ ଏକ ଘର କରୁଥିବାରୁ ଏହି ମାମଲା କୋର୍ଟରେ ବିଚାରଧୀନ ରହିଛି। ତେବେ ଏହାକୁ କେନ୍ଦ୍ର କରି ମଙ୍ଗଳବାର ରାତିରେ ଭିକାରୀ, ମଣ୍ଟୁ ଓ ଗ୍ରାମର ଅନ୍ୟଜଣେ ମିଳିତ ଭାବେ ତାଙ୍କ ପରିବାର ସଦସ୍ୟଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ପ୍ରବୀର, ତାଙ୍କ ମା, ବାପା ଓ ଭଉଣୀ ଗୁରୁତର ହୋଇଥିଲେ। ଏଥିସହିତ ତାଙ୍କ ଗୁହାଳ ଘରକୁ ଭିକାରୀ ଓ ମଣ୍ଟୁ ନିଆଁ ଲଗାଇ ଦେଇଥିଲେ। ଗୁହାଳେ ଥିବା ୩ ଗାଈ ପୋଡ଼ି ଯାଇଛି। ଚାନ୍ଦୋଳ ଫାଣ୍ଡି ପୋଲିସ ଅଭିଯୁକ୍ତ ମଣ୍ଟୁଙ୍କୁ ଗିରଫ କରିଛି। ଏହି ଆକ୍ରମଣରେ ମଣ୍ଟୁ ମଧ୍ୟ ଗୁରୁତର ହୋଇ ପୋଲିସ୍ ହେପାଜତରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଫାଣ୍ଡି ଅଧିକାରୀ ପ୍ରତାପ କୁମାର ରଥ ସୂଚନା ଦେଇଛନ୍ତି। ପ୍ରବୀରଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ.୫୨୯/୨୪)ରୁଜୁ ହୋଇଛି।

# ପାରିଶ୍ରମିକ ଦାବିରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ

## ଜିପିଏଲ୍‌ଏଫ୍ କର୍ମୀ ସଂଘ

ପଟ୍ଟାମୁଣ୍ଡାଇ, ୨୫।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଜିପିଏଲ୍‌ଏଫ୍ କର୍ମୀ ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକର ୬ଟି ସିଏସ୍‌ଏସ୍ ଦୀର୍ଘ ୧୨ ବର୍ଷ ଧରି ନୀରବଚ୍ଛିନ୍ନ ଭାବେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ କରିଆସୁଛନ୍ତି। ଦୀର୍ଘ ୬ମାସ ହେଲା ପଟ୍ଟାମୁଣ୍ଡାଇ ବ୍ଲକର ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଏମ୍‌ବିକେ, ବ୍ୟାଙ୍କ ମିତ୍ର, ସିଆର୍‌ପିସିଏମ୍, ପ୍ରାଣୀ ମିତ୍ର, କୃଷି ମିତ୍ର ଏଲ୍‌ଏସ୍‌ପି ଆଦି ପାରିଶ୍ରମିକ ପାଇ ପାରୁନାହାନ୍ତି। ଏ ସମ୍ପର୍କରେ ୩।୯।୨୪ ରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଇନାହିଁ। ବୁଧବାର ପଟ୍ଟାମୁଣ୍ଡାଇ ଜିପିଏଲ୍‌ଏଫ୍ କର୍ମୀ ସଂଘ ସଭାପତି ବୈଦେହୀ ପାଗଳ ଓ ସମ୍ପାଦକ ବ୍ରଜ କିଶୋର ସେଠୀଙ୍କ ନେତୃତ୍ୱରେ ବ୍ଲକରେ କାର୍ଯ୍ୟରତ ଶତାଧିକ ଏମ୍‌ବିକେ, ବ୍ୟାଙ୍କମିତ୍ର, ସିଆର୍‌ପିସିଏମ୍, କୃଷିମିତ୍ର, ପ୍ରାଣୀ ମିତ୍ର ଓ ଏଲ୍‌ଏସ୍‌ପି ବ୍ଲକ ପରିସରରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଡିଓଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ତୁରନ୍ତ ପାରିଶ୍ରମିକ ପ୍ରଦାନ କରିବାକୁ ଦାବି କରିଥିଲେ। ଏହାର ଏକକିତା ନକଲ ରାଜ୍ୟ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କମିଶନର କମ୍ ସେକ୍ରେଟାରୀ ମିଶନ ଶକ୍ତି, ଷ୍ଟେଟ ମିଶନ ଡାରେକ୍ଟର କମ୍ ସିଇଓଏଲଏମ୍, କେନ୍ଦ୍ରାପଡ଼ା ଜିଲାପାଳ, ପିଡି, ଡିପିଏମ୍, ଡିପିସି, ପଟ୍ଟାମୁଣ୍ଡାଇ ସିଡିପିଓ, ପଟ୍ଟାମୁଣ୍ଡାଇ ବ୍ଲକ ମିଶନ ଶକ୍ତି ବିପିସି, ପଟ୍ଟାମୁଣ୍ଡାଇ ବ୍ଲକ ଓ ଏଲ୍‌ଏମ୍‌ବିପିସିଙ୍କୁ ପ୍ରଦାନ କରାଯାଇଛି। ବୁଧବାରଠାରୁ ପାରିଶ୍ରମିକ ପ୍ରଦାନ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସରକାର ଓ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି।


ବିଡିଓଙ୍କୁ ଜିପିଏଲ୍‌ଏଫ୍ କର୍ମୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜିଲା ପରିଷଦ ଭୋଟ ଉପରେ ନଜର

## ବିଜେଡିର ସାଙ୍ଗଠନିକ ବୈଠକ

ରାଜନଗର, ୨୫।୯
(ଭାସ୍କର ରାଉତରାୟ)

ରାଜନଗର ବ୍ଲକର ୩୧ନଂ. ଜୋନରେ ଜିଲାପରିଷଦ ପଦବୀ ଖାଲି ପଡିଛି। ଯେ କୌଣସି ମୁହୂର୍ତ୍ତରେ ଏହି ଜୋନରେ ଜିଲା ପରିଷଦ ପଦବୀ ପାଇଁ ଭୋଟ ଗ୍ରହଣ ବିଗୁଲ ବାଜିପାରେ। ବିଗୁଲ ବାଜିବା ପୂର୍ବରୁ ଏହି ଜୋନ୍‌କୁ ହାତେଇବା ପାଇଁ ବିଜେଡି ତା'ର ରଣକୌଶଳ ଆରମ୍ଭ କରିଛି।

ବୁଧବାର ରାଜନଗର ବ୍ଲକ ଡେରା ପଞ୍ଚାୟତ କାଠପାଙ୍ଗରାଠାରେ ୩୧ନଂ.ଜୋନର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଗତ ସାଧାରଣ ନିର୍ବାଚନରେ ତାଙ୍କୁ ଆଶୀର୍ବାଦ କରିଥିବା ଜନସାଧାରଣ ୩୧ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ନିବେଦନ କରିଥିଲେ। ବୈଠକରେ ଗତ ସାଧାରଣ ନିର୍ବାଚନର ଭୋଟ ହାରକୁ ନେଇ ସମୀକ୍ଷା କରାଯାଇଥିଲା। ୩୧ନଂ. ଜୋନର ୯ ପଞ୍ଚାୟତରେ ବିଜୁ ଜନତା ଦଳ ୧୫,୩୦୭ ଖଣ୍ଡ ଭୋଟ ପାଇଥିବା ବେଳେ ଭାଜପା ୮,୨୮୫ ଓ କଂଗ୍ରେସ ୭,୯୧୩ ଖଣ୍ଡ ଭୋଟ ପାଇଥିଲା। ବିଜେଡି ଏହି ଜୋନରୁ ୭,୦୨୨ଖଣ୍ଡ ଅଧିକ ଭୋଟ ପାଇଛି। ସେହି ଭଲପାଇବା ଜିଲାପରିଷଦ ଭୋଟରେ ଦୋହରାଇବାକୁ ବିଧାୟକ ଅନୁରୋଧ କରିଥିଲେ। ଏଥିସହିତ କେଉଁ ବୁଥରେ ଭୋଟ କମିଲା, କାହିଁକି କମିଲା ସେ ନେଇ ସମୀକ୍ଷା କରିଥିଲେ।

ଏହି ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କୁମାର ଜେନା, ରଞ୍ଜନ କୁମାର ମହାନ୍ତି, କୈଳାସ ଚନ୍ଦ୍ର ପରିଡା, ବିଜୟ ନାୟକ, ମୋହନ ଦାସ, ଜୟୀରାମ ରାଉତ, ମଙ୍ଗୁଳି ଚରଣ ସ୍ୱାଇଁ, ହୃଷିକେଶ ପ୍ରଧାନ, ଶତ୍ରୁଘ୍ନ ପରିଡା, ଗଙ୍ଗାଧର ଦାସ, ବାଇଧର ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ, ଅନାଦି ଚରଣ ଦାସ, ମହେନ୍ଦ୍ର କୁମାର ଦାସ, ସରପଞ୍ଚ ଚିତ୍ତ ରଞ୍ଜନ ପଣ୍ଡା, ଗୋଲେଖ ଚନ୍ଦ୍ର ସ୍ୱାଇଁ, ସମିତିସଭ୍ୟ ରବିନ ମଲିକ, ସଞ୍ଜୟ କୁମାର ସ୍ୱାଇଁ, ଆର୍ତ୍ତବନ୍ଧୁ ମହାନ୍ତି, ସେବା ସମବାୟ ସମିତି ସଭାପତି ନରେଶ ବେହେରା, ଦଧିବାମନ ଭୂୟାଁ, ଜିଲା ସାଧାରଣ ସମ୍ପାଦକ ସରୋଜ କୁମାର ରାଉତ, ଯୁବନେତା ସର୍ବେଶ୍ୱର ସାମଲ, ସାଗର ପରିଡା, ସୁନିଲ ରାଉଳ, ବିଜେଡି ନେତା ଗୋଲେଖ ଦାସ, କଳାକାର ସାହୁ, ବାବୁ ବେହେରା, ଶରତ ରାଉତ, ରଶ୍ମୀ ରଞ୍ଜନ ସାହାଣୀ, ଶକ୍ତିଦେବ ମାହୁନ୍ତ ପ୍ରମୁଖ ଯୋଗଦେଇ ପଞ୍ଚାୟତର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ କହିଥିଲେ।

# ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର


ଶିବିରରେ ଯୋଗଦେଇଥିବା ଲୋକମାନେ।

ରାଜକନିକା, ୨୫।୯
(ସଞ୍ଜୟ କୁମାର ଦାଶ)

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନ ଶୁଣାଣି ଶିବିର ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ପୃଥ୍ୱୀରାଜ ପରିଡ଼ା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସମୀକ୍ଷକ ମୃତ୍ୟୁଞ୍ଜୟ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ପାତ୍ର ଓ ଏପିଓ ପୂର୍ଣ୍ଣଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ୨୦୨୪-୨୫ ଆର୍ଥିକ ବର୍ଷର ସମୀକ୍ଷା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରେ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ତଥ୍ୟ ପ୍ରଦାନ କରାଯାଇଥିଲା। ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଶିବିରରେ ଆଲୋଚନା କରାଯିବା ପରେ ବିଡ଼ିଓ ପରିଡା ଅନୁମୋଦନ କରିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ସୁବ୍ରତ ରଞ୍ଜନ ସାମଲ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚାୟତ ସରପଞ୍ଚ, କନିଷ୍ଠଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଏଡିଇଓଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, ସିଆର୍‌ପି ପ୍ରମୁଖ ଉପସ୍ଥିତ ଥିଲେ।

# ମା' ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବାଶ୍ରମରେ ଶାରଦୀୟ ପାର୍ବଣ

ନାଉଗାଁ, ୨୫।୯ (ସୁଧା ବେହୁରା)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ଲୋସ୍ଥିତ ମା' ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ବୁଧବାର ଶାରଦୀୟ ପାର୍ବଣ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯଥାରୀତି ପୂର୍ବକ ପୂଜାର୍ଚ୍ଚନା କରାଯାଇଛି। ଷୋଡଶ ଦିନାତ୍ମକ ଶାରଦୀୟ ଦୁର୍ଗା ପୂଜାର ପ୍ରଥମ ଦିବସରେ



ମା' ସିଦ୍ଧିଦାତ୍ରୀଙ୍କୁ ମା' ସରସ୍ୱତୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଉକ୍ତ ବେଶକୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହାକୁ ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସମେତ ଆଶ୍ରମବାସୀ ପରିଚାଳନା କରିଥିଲେ। ମା'ଙ୍କର ଶାରଦୀୟ ବେଶ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।

# ବର୍ଷା ଯୋଗୁ ଖେଳ ବାତିଲ

## ୬୩ତମ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପାରାଦୀପ, ୨୫।୯ (ଶରତ ରାଉତ)

ପାରାଦୀପ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ବୁଧବାର ରାଜ୍ୟସ୍ତରୀୟ ୬୩ ତମ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ବୁଧବାର ବର୍ଷା ଯୋଗୁ ଖେଳ ହୋଇନାହିଁ। ଗୁରୁବାର ସକାଳେ ହେବ। ଏହି ଟୁର୍ନାମେଣ୍ଟକୁ ବନ୍ଦର ଟ୍ରାଫିକ ପରାମର୍ଶଦାତା ଏ. କେ. ବୋଷ ଉଦ୍‌ଘାଟନ କରିଥିଲେ। ଏଥିରେ ଫୁଟବଲ ଆସୋସିଏଶନ ସମ୍ପାଦକ ଆର୍ଶୀବାଦ ବେହେରା, ଗୋପବନ୍ଧୁ କ୍ରୀଡା ସଂସଦ ସଭାପତି ଧର୍ମେନ୍ଦ୍ରନାଥ ସୋନ୍ଧି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗାପ୍ରସାଦ ସେଠୀ, ସମ୍ପାଦକ ରଶ୍ମିରଞ୍ଜନ ବେଉରା, ରବି ଦାସ ପ୍ରମୁଖ ସାମିଲ ହୋଇଥିଲେ। ଏହି ଟୁର୍ନାମେଣ୍ଟକୁ ସାହାଣୀ କପ୍ ଭାବେ ନାମିତ କରାଯାଇଛି। ଏଥିରେ ଉପକୂଳ ଓଡ଼ିଶାର ୮ ଟି ଜିଲାର ୧୮୨ ଖେଳାଳି ଦୁଇଟି ଗ୍ରୁପରେ ଖେଳିବେ।

# ଏଣିକି ଛତୁଆ ମାନ ପରଖିବେ ଜିଲା ପରିଷଦ ସଭ୍ୟ

ଜଗତ୍‌ସିଂହପୁର, ୨୫।୯
(ପ୍ରମୋଦ କୁମାର ନାୟକ)

**ଜଗତ୍‌ସିଂହପୁର ୬ଷ୍ଠ ଜିଲା ପରିଷଦର ୫ମ ସାଧାରଣ ବୈଠକ**

- ଲୋକ ପ୍ରତିନିଧି ସକାରାତ୍ମକ ଚିନ୍ତାଧାରା ଓ ପ୍ରଶାସନ ସହ ମିଶି କାମ କରନ୍ତୁ
- ଜିଲାରେ ୮୮ ଶିକ୍ଷକ ନିଯୁକ୍ତି ପାଇଁ ଗୃହରେ ଅନୁମୋଦନ
- ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ

ଗର୍ଭବତୀ ମା' ଓ ଶିଶୁଙ୍କ ପାଇଁ ସରକାର ପରିପୂରକ ପୁଷ୍ଟିକର ଖାଦ୍ୟ ଅର୍ଥାତ୍ ଛତୁଆ ଯୋଗାଉଛନ୍ତି। କିନ୍ତୁ ଛତୁଆ ଉତ୍ପାଦନକାରୀ ଗୋଷ୍ଠୀ ଓ ସଂସ୍ଥାଙ୍କ ଯୋଗୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଏହି ଗୋଷ୍ଠୀ ଓ ସଂସ୍ଥା ନିମ୍ନମାନର ଛତୁଆ ଯୋଗାଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ଅତୀତରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ପ୍ରତିକାର ହେଉ ନ ଥିଲା। ଯେଉଁ କାରଣରୁ ଅନେକ ସମୟରେ ଅସନ୍ତୋଷ ତୀବ୍ର ହେବାର ନଜିର ଅଛି। ତେବେ ରାଜ୍ୟରେ ଭାଜପା ସରକାର ଏହି ଦୁର୍ନୀତି ରୋକିବା କ୍ଷେତ୍ରରେ କେତେଦୂର ଯତ୍ନବାନ୍ ହେଉଛି ତା' ଉପରେ ପ୍ରତ୍ୟେକଙ୍କ ନଜର ରହିଛି। ଏ ପରିସ୍ଥିତିରେ ବୁଧବାର ଜଗତ୍‌ସିଂହପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୬ଷ୍ଠ ଜିଲା ପରିଷଦର ୫ର୍ଥ ସାଧାରଣ ବୈଠକରେ ଏହି ପ୍ରସଙ୍ଗ ଗୁରୁତ୍ୱ ବହନ କରିଥିଲା। ସିଡିପିଓମାନେ ପ୍ରତ୍ୟେକ ମାସ ୨୩ ତାରିଖରେ ଜିଲା ପରିଷଦ ସଭ୍ୟମାନଙ୍କୁ ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ଡାକି ଛତୁଆର ମାନ ନିର୍ଦ୍ଧାରଣ କରିବାକୁ ଜିଲାପାଳ ଜେ. ସୋନାଲ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲାରେ ଖାଲି ପଡ଼ିଥିବା ଡାକ୍ତର ଓ ସ୍ପେଶିଆଲିଟି ପଦବୀ ପୂରଣ ସହ ଆଇସିୟୁ, ମେଡିକାଲ କଲେଜ ଖୋଲିବା, ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ବ୍ୟବସ୍ଥା କରିବା ଉପରେ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆଗକୁ କନିଷ୍ଠ ଶିକ୍ଷକ ନିଯୁକ୍ତି ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜଗତ୍‌ସିଂହପୁର ଜିଲାରେ ୮୮ଜଣ କନିଷ୍ଠ ଶିକ୍ଷକ ନିଯୁକ୍ତି ହେବାକୁ ଯାଉଛନ୍ତି। ଏହି ପ୍ରସ୍ତାବକୁ ଗୃହର ଅନୁମୋଦନ କରାଯାଇଥିଲା।

ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଶେଷ ବର୍ଗର ଲୋକଙ୍କ ବିକାଶ ହୋଇପାରିଲେ ଜିଲା ତଥା ରାଜ୍ୟର ବିକାଶ ଦ୍ୱିଗୁଣିତ ହୋଇପାରିବ ବୋଲି କହିଥିଲେ। ବିଶେଷକରି ଦଳମତ ନିର୍ବିଶେଷରେ ସମସ୍ତଙ୍କ ସମନ୍ୱୟରେ କାର୍ଯ୍ୟ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କହିଥିଲେ, ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣ ସର୍ବଦା ସର୍ବାଗ୍ରେ। ଲୋକ ପ୍ରତିନିଧିମାନେ ସକାରାତ୍ମକ ଚିନ୍ତାଧାରା ସହ ପ୍ରଶାସନ ସହ ମିଶି କାମ କଲେ ନିଶ୍ଚିତ ଭାବେ ସମସ୍ୟାର ସମାଧାନ ହୋଇପାରିବ। ବୈଠକରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଲୋକପ୍ରତିନିଧିମାନଙ୍କ ଦ୍ୱାରା ଲୋକଙ୍କ ସମସ୍ୟାକୁ ପ୍ରଶାସନ ପାଖରେ ଠିକ୍ ଭାବେ ପହଞ୍ଚାଇ ବିଭାଗକୁ ତ୍ୱରାନ୍ୱିତ କରିପାରିଲେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏମ୍‌ପି ବିଭୁ ପ୍ରସାଦ ତରାଇ ସ୍ଥାନୀୟ ସମସ୍ୟାକୁ ଠିକ୍ ଭାବେ ପ୍ରଶାସନ ନିକଟରେ ପହଞ୍ଚାଇବା ସହ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ କଳର ସମନ୍ୱୟରେ ଜିଲାର ଅଗ୍ରଗତି ହେବ ବୋଲି କହିଥିଲେ। ବୈଠକରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଉପସ୍ଥିତ ଥିଲେ। ଜିଲାପାଳ ଜେ. ସୋନାଲ ଜନପ୍ରତିନିଧି ଓ ପ୍ରଶାସନର ମିଳିତ ଉଦ୍ୟମରେ ଜିଲାର ଉନ୍ନତି ହୋଇପାରିବ ବୋଲି କହିଥିଲେ। ବୈଠକରେ କୃଷି ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ଯଥା ସାର, ଖତ ଆଦି କ୍ରୟ ଓ ବିକ୍ରୟରେ ଜନପ୍ରତିନିଧି, ଚାଷୀ ଓ କୃଷି ବିଭାଗ ମିଶି କାମ କରିବା ଉପରେ ଆଲୋଚନା ହୋଇଥିଲା। ଜିଲାରେ ମୃତ୍ତିକା ସର୍ବେକ୍ଷଣ କରାଯାଇ କେଉଁଠାରେ କେଉଁ ଚାଷ କରାଯିବ ତାହାର ତାଲିକା ପ୍ରସ୍ତୁତ ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଜଳସେଚନ ବିଭାଗ, ଉଠା ଜଳସେଚନ, ଡ୍ରେନେଜ୍, କଟକ ମହାନଦୀ ଦକ୍ଷିଣ ବିଭାଜନ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ବିଭାଗ ଉପରେ ଆଲୋଚନା ହୋଇଥିଲା। ଜିଲାର ପ୍ରାଣୀ ଚିକିତ୍ସା, ମତ୍ସ୍ୟ ଓ ସାଧାରଣ ବଣ୍ଟନ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ହୋଇଥିଲା। ହର୍ ଘର୍ ଜଲ୍‌ରେ ୨୨୨ଟି ଗ୍ରାମକୁ ସଂଯୋଗ କରାଯାଇଥିବା ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଥିଲେ। ଶେଷରେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ଦିବସ ପାଳନ ପାଇଁ ପ୍ରସ୍ତୁତି

ନୟାଗଡ଼,୨୫।୯(ଲୋକନାଥ ମିଶ୍ର)

ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଜିଲାସ୍ତରରେ ଅକ୍ଟୋବର ୧ରେ ପାଳନ କରାଯିବ। ଏଥିପାଇଁ ଜିଲାପାଳଙ୍କ ମିନି କନଫେରେନ୍ସ ହଲରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରି କହିଥିଲେ ପ୍ରତି ବର୍ଷ ପରି ଚଳିତ ବର୍ଷ ଅକ୍ଟୋବର ୧ରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବ। ଏହି ଅବସରରେ ଏକ ସାଧାରଣ ସଭା ସହ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଯୋଗ ଶିବିର, ସ୍ୱାସ୍ଥ୍ୟ ଶିବିର ଆୟୋଜନ ହେବ। ପ୍ରତ୍ୟେକ ବ୍ଲକରୁ ବରିଷ୍ଠ ନାଗରିକମାନଙ୍କୁ ଜିଲାସ୍ତରୀୟ ଶିବିରକୁ ଆଣିବା ପାଇଁ ଗାଡ଼ିର ବ୍ୟବସ୍ଥା କରାଯିବ। ବରିଷ୍ଠ ନାଗରିକମାନଙ୍କ ବିଚାରାଧୀନ ଥିବା ପରିଚୟ ପତ୍ର ଏହି କାର୍ଯ୍ୟକ୍ରମରେ ଦେବା ପାଇଁ ଜିଲାପାଳ ଏସ୍‌ପିଙ୍କୁ ପରାମର୍ଶ ଦେଇଥିଲେ। ଜିଲାସ୍ତରୀୟ କାର୍ଯ୍ୟକ୍ରମ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଥବା ନୀଳମାଧବ କଲ୍ୟାଣ ମଣ୍ଡପରେ କରାଯାଇ ପାରେ। ବୈଠକରେ ୧୯ଟି ବରିଷ୍ଠ ନାଗରିକ ଫୋରମର କର୍ମକର୍ତ୍ତା, ନିଶ୍ୱ ଖଣ୍ଡପଡ଼ା, ଅନାଥ ପରିତ୍ୟକ୍ତ ବାଳାଶ୍ରମ ରଣପୁର, ସମର୍ପଣ ନୟାଗଡ଼ ପରି ୩ ଜରା ନିବାସର କର୍ମକର୍ତ୍ତା, ଅତିରିକ୍ତ ଏସ୍‌ପି ସନାତନ କାଲୋ,ଜିଲା ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମିନି ସମ୍ମିଳନୀ କକ୍ଷରେ ଖୋଲିବ ସ୍ୱତନ୍ତ୍ର ପ୍ରକୋଷ୍ଠ

**ନୟାଗଡ ପଞ୍ଚାୟତ ସମିତିର ବୈଠକ**

- ଅଭିଯୋଗ ଶୁଣିବେ, ସଚେତନତା କରାଇବେ କର୍ମଚାରୀ
- କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ବିଭାଗ ପାଇଁ ଜାରିହେଲା ମାର୍ଗଦର୍ଶିକା

ନୟାଗଡ଼,୨୫।୯(ଲୋକନାଥ ମିଶ୍ର)



ପଞ୍ଚାୟତ ସମିତି ବୈଠକରେ ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀ।

ନୟାଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୟାଗଡ ପଞ୍ଚାୟତ ସମିତର ଅଷ୍ଟମ ସାଧାରଣ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର, ସୁବାସ କଅଁର, ଆଶିଷ ଅଗ୍ରୱାଲ ଓ ସରୋଜ ରଣସିଂହ, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ପୁରୀ ଏମପିଙ୍କ ପ୍ରତିନିଧି ତାପସ କୁମାର ମାର୍ଥା ଯୋଗ ଦେଇଥିଲେ। ବୈଠକରେ କୁହାଯାଇଛି ବିଭିନ୍ନ ବିଭାଗ ପକ୍ଷରୁ ସରକାରୀ ଯୋଜନା ଉପରେ ଲୋକଙ୍କ ପାଖକୁ ଯାଅ, ସେମାନଙ୍କର ସୁବିଧା ଅସୁବିଧା ବୁଝ। ସରକାରୀ ଯୋଜନାର ପ୍ରଚାର, ପ୍ରସାର କରିବା ସହ ସେମାନଙ୍କୁ ସଚେତନତା କରାଅ। ଅନ୍ୟପକ୍ଷେ ସରକାରୀ ଯୋଜନା ସମ୍ପର୍କରେ ଲୋକମାନେ ଜାଣି ପାରୁ ନ ଥିବାରୁ ବ୍ଲକ କାର୍ଯ୍ୟାଳୟର ମିନି ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀ ବିଭାଗ ପକ୍ଷରୁ ଅଫିସର ଅଥବା କର୍ମଚାରୀ ଯୋଗ ଦେଇ ଲୋକଙ୍କ ଅଭିଯୋଗ ଶୁଣିବେ। ସେମାନଙ୍କର ସମସ୍ୟା ସମାଧାନ କରିବେ। ଏହି ସେବା ତୁରନ୍ତ ଲାଗୁ କରାଯିବାକୁ ନିଷ୍ପତି ହୋଇଛି। ସେହିଭଳି ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ବଢ଼ି ଚାଲିଥିବାରୁ ସେଥି ପ୍ରତି ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେବାକୁ କୁହାଯାଇଛି। ଜୈବିକ ଚାଷ ଓ ସମନ୍ୱିତ କୃଷି ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା। କୃଷି ଓ ଉଦ୍ୟାନ କୃଷି ରେ ସରକାରୀ ସହାୟତାକୁ ପଂଚାୟତରାଜ ପ୍ରତିନିଧିମାନଙ୍କୁ ସାମିଲ କରି ବଣ୍ଟନ କରିବାକୁ ପରାମର୍ଶ ଦିଆଯାଇଛି। ଜଳବିଭାଜିକା କାର୍ଯ୍ୟକ୍ରମରେ ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଛି। ବିଦ୍ୟୁତ୍ କାଟ ଉପରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାର ନିରାକରଣ ପାଇଁ ପଦକ୍ଷେପ ନେବାକୁ ଟିପିସିଓଡିଏଲକୁ ପରାମର୍ଶ ଦିଆଯାଇଛି। ସରକାରୀ ଅନୁଦାନ ମିଳିବା ପରେ ସ୍କୁଲ ମରାମତି ତୁରନ୍ତ କରାଯିବାକୁ କୁହାଯାଇଛି।

### ନଦୀରେ ଭାସିଯାଇ ଯୁବକ ମୃତ

ହିଞ୍ଜିଳିକାଟୁ,୨୫।୯ (ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳି ଥାନା ତଥା ଶେରଗଡ଼ ବ୍ଲକ ବ୍ରାହ୍ମଣଛାଇ ଗ୍ରାମ ନିକଟ ଋଷିକୁଲ୍ୟା ନଦୀରେ ଭାସିଯାଇ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବ୍ରାହ୍ମଣଛାଇର ବିଜୁଳି ପୃଷ୍ଟି (୪୮)। ବିଜୁଳି ସକାଳେ ନଦୀରେ ଗାଧୋଉଥିବା ସମୟରେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ବିଜୁଳିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହିଞ୍ଜିଳି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ଏ ନେଇ ନଂ. ୩୦/୨୪ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବ୍ଲକ୍‌ସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା



ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ ।

ନୂଆଗାଁ,୨୫।୯(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ହାଇସ୍କୁଲ ପରିସରରେ ବୁଧବାର ବ୍ଲକସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଧୁନିକତାକୁ ଆପଣେଇ ଧିରେ ଧିରେ ଲୋକକଳା ଲୋପ ପାଇବାକୁ ବସିଲାଣି। ଲୋକନୃତ୍ୟକୁ ଲୋକମାନେ ଭୁଲିଲେଣି। ତେଣୁ ଲୋକକଳା , ଲୋକନୃତ୍ୟକୁ ବଞ୍ଚାଇ ରଖିବା ସହ ସେହି ଲୋକନୃତ୍ୟ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୋକନୃତ୍ୟ ପ୍ରତିଯୋଗିତା କରାଇବା ଶିକ୍ଷା ବିଭାଗର ଉଦ୍ଦେଶ୍ୟ। ତେବେ ଝିଅ ପୁଅ ମଧ୍ୟରେ ସମାନତା, ଶିଶୁର ବିକାଶ ପାଇଁ ଯୌଥ

**ଲୋକନୃତ୍ୟ ପ୍ରତି ଛାତ୍ରୀଛାତ୍ରଙ୍କ ଅନାଗ୍ରହ**

ପରିବାର ଭୂମିକା, ପରିବେଶ ସୁରକ୍ଷା ଆଦି ସଚେତନମୂଳକ ବିଷୟବସ୍ତୁ ଉପରେ ଆଧାରିତ ଲୋକନୃତ୍ୟ ପରିବେଷଣ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀଛାତ୍ର ଭାଗ ନେଇ ପାରିବେ। ପ୍ରତି ଗ୍ରୁପରେ ୫ରୁ ୬ ଜଣ ରହିବେ। ତେବେ ଏହି କାର୍ଯ୍ୟକ୍ରମ ପ୍ରତି ଛାତ୍ରୀଛାତ୍ରମାନଙ୍କ ମନରେ ଆଗ୍ରହ ଦେଖା ଦେଇ ନ ଥିଲା।

ନୂଆଗାଁ ବ୍ଲକରେ ୧୫ଟି ହାଇସ୍କୁଲ ରହିଥିବା ବେଳେ ଅନୁଷ୍ଠିତ ବ୍ଲକସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ନୂଆଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ , ନୂଆଗାଁ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ମହିପୁର ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ମାତ୍ର ୩ଟି ସ୍କୁଲର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ମହିପୁର ଉଚ୍ଚ ମାଧ୍ୟମକ ବିଦ୍ୟାଳୟ ଦଳ ଜିଲାସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛି। ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସାହୁ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କବିତା ମଞ୍ଜରୀ ଦାସ , ନୂଆଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭୀମସେନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସିଆରସିସି କୌଳାସ ଚନ୍ଦ୍ର ନାୟକ ଓ ଶିକ୍ଷୟିତ୍ରୀ କବିତା ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ।

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା: ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୫।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଅଞ୍ଚଳରେ ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଗାଁର କାଳିଆ ବାଡ଼ତ୍ୟା ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟିଣାରେ ଦିଗପହଣ୍ଡି ପୋଲିସ ଅଭିଯୁକ୍ତ କାଳିଆଙ୍କୁ ବୁଧବାର ବ୍ରହ୍ମପୁର ପୋକ୍ସ କୋର୍ଟକୁ ଚାଲାଣ କରିଛି। ଥାନା ମାମଲା ନଂ.୩୫୭/୨୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲ୍‌କୁ ପଠାଇଯାଇଛି। ଗତ ଶୁକ୍ରବାର ପୂର୍ବାହ୍ନରେ ଛାତ୍ରୀ ଜଣକ ସ୍କୁଲ ଯାଉଥିବା ବେଳେ ରାସ୍ତାରୁ ଅଭିଯୁକ୍ତ ଅପହରଣ କରିନେଇଥିଲେ। ଏନେଇ ଛାତ୍ରୀଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ସକାଳେ ତଦନ୍ତକାରୀ ପୋଲିସ ଅଧିକାରୀ ସୋଫିଆ ମିଶ୍ର ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲେ। ତାଙ୍କ ସୂଚନା ପ୍ରକାରେ ଛାତ୍ରୀଙ୍କୁ ତପ୍ତପାଣି ସ୍ଥିତ ଏକ ମନ୍ଦିର ନିକଟରୁ ଉଦ୍ଧାର କରାଯାଇଥିଲା। ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ଛାତ୍ରୀଙ୍କୁ ପରିବାର ଲୋକେ ଗ୍ରହଣ ନକରିବାରୁ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶ ପ୍ରକାରେ ତାଙ୍କୁ ବ୍ରହ୍ମପୁର ସ୍ଥିତ ସେଲ୍ଟର ହୋମରେ ରଖାଯାଇଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।

### ଶୈଳ ଶ୍ରୀକ୍ଷେତ୍ରରେ ଜଗନ୍ନାଥ ଭଜନ ଲୋକାର୍ପିତ


ଜଗନ୍ନାଥ ଭଜନକୁ ଉନ୍ମୋଚନ କରାଯାଉଛି।

ନୟାଗଡ଼,୨୫।୯(ଲୋକନାଥ ମିଶ୍ର)

ନୟାଗଡ଼ ଇଣ୍ଡିଆନ ମ୍ୟୁଜିକ କ୍ରିଏଶନ ଦ୍ୱାରା ପ୍ରଯୋଜିତ ଭଜନ 'ଆକାଶ ପରି ମୁହଁକୁ ଶଗଡ଼ ପରି ଆଖି' ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ରରେ ଲୋକାର୍ପିତ ହୋଇଯାଇଛି। ଆକାଶବାଣୀ କଟକ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ ଗୀତିକାର ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ରଚିତ ଏହି ଭଜନଗୁଡ଼ିକରେ କଣ୍ଠଦାନ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବେତାର କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଜେନେରାଲ ମ୍ୟାନେଜର ଦିଲୀପ କୁମାର ସାହୁ, ସମ୍ମାନିତ ଅତିଥି ଗୀତିକାର ତଥା କବିଜ୍ୟୋତି ନିରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିବା ବେଳେ କବି ଅଶୋକ ମଲ୍ଲ, ଲକ୍ଷ୍ମୀଧର ସାହୁ ସହଯୋଗ କରିଥିଲେ। ପ୍ରଶାନ୍ତ କୁମାର ଦାଶଙ୍କ ୟୁଟ୍ୟୁବ ଚ୍ୟାନେଲରେ ଉପଲବ୍ଧ ଏହି ଭଜନଗୁଡ଼ିକ ବେଶ ଲୋକପ୍ରିୟ ହେବ ବୋଲି ଅତିଥିମାନେ କହିଥିଲେ ।

### ପଡ଼ୋଶୀଙ୍କ ଜଳଖିଆ ଦୋକାନ ପୋଡ଼ି ଅଭିଯୋଗ

ଓଡ଼ଗାଁ,୨୫।୯(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶରଧାପୁର ଗାଁରେ ମଙ୍ଗଳବାର ରାତିରେ ଜଳଖିଆ ଦୋକାନ ପୋଡ଼ି ଘଟଣାକୁ ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ଶରଧାପୁର ଗାଁର ଉତ୍ସବ ସାହୁ ଏବଂ କାଲୁ ଦଳେଇ ୨ ପଡୋଶୀ। ବିଭିନ୍ନ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥାଏ। ମଙ୍ଗଳବାର ରାତି ପ୍ରାୟ ୯ ବେଳେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏତିକି ବେଳେ ଜଳଖିଆ ଦୋକାନ ପୋଡ଼ି ଦେବା ପାଇଁ କାଲୁ ଦଳେଇ ଉତ୍ସବଙ୍କୁ ଧମକ ଦେଇଥିଲେ। ପରେ ରାତିପ୍ରାୟ ୧୧.୧୫ ବେଳେ ଜଳଖିଆ ଦୋକାନରେ ନିଆଁ ଲାଗିଥିବା ଖବର ଶୁଣି ଉତ୍ସବ ସେଠାକୁ ଯାଇଥିଲେ । ଅନେକ ଜିନିଷ ପୋଡ଼ି ଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। କାଲୁ ଦଳେଇ ତାଙ୍କର ଜଳଖିଆ ଦୋକାନ ପୋଡିଦେଇଥିବା ନେଇ ଉତ୍ସବ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

ଚିକିଟି,୨୫।୯(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ବୁଧବାର ସ୍ୱଚ୍ଛତା ଉପରେ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଏକ ଶୋଭାଯାତ୍ରାରେ ସ୍ୱଚ୍ଛତା ଉପରେ ସଚେତନତା କରାଇଥିଲେ।

### ପାରିଶ୍ରମିକ ନ ମିଳିବାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ

ନୟାଗଡ଼,୨୫।୯ (ଲୋକନାଥ ମିଶ୍ର)

**ଜିଲାପାଳଙ୍କୁ ଫେରାଦ୍ ହେଲେ ଏମ୍‌ବିକେ, ବ୍ୟାଙ୍କ ମିତ୍ର ପରି ୬ କ୍ୟାଡର**

ପଞ୍ଚାୟତସ୍ତରରେ କାର୍ଯ୍ୟ କରୁଥିବା ଏମ୍‌ବିକେ, ବ୍ୟାଙ୍କମିତ୍ର, ସିଆରପି, ପ୍ରାଣୀମିତ୍ର, ଏଲଏସ୍‌ପି ଓ କୃଷି ମିତ୍ର ପରି ୬ଟି କମ୍ୟୁନିଟ୍ ସପୋର୍ଟ ଷ୍ଟାଫଙ୍କ ପକ୍ଷରୁ ବୁଧବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ୬ମାସ ହେଲା ପାରିଶ୍ରମିକ ନ ମିଳିବାରୁ ବୁଧବାର ଜିଲାପାଳ ଓ ନୟାଗଡ଼ ବିଡିଓଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଜିଲାସ୍ତରୀୟ ପଞ୍ଚାୟତସ୍ତରୀୟ ଜିପିଏଲଏଫ କର୍ମୀ ସଂଘର ସଭାପତି ବିଜୟଲକ୍ଷ୍ମୀ ପାତ୍ର ଓ ସମ୍ପାଦିକା ବାସନ୍ତୀ ପରିଡାଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିବ ବୋଲି କହିଛନ୍ତି।



ଏମ୍‌ବିକେ, ବ୍ୟାଙ୍କମିତ୍ର ପ୍ରମୁଖ ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଛନ୍ତି।

### ୧୭ରେ ଏନ୍‌ଏସି ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଖଣ୍ଡପଡା/ନୟାଗଡ,୨୫।୯(ଅଜୟ କୁମର ମହାରଣା/ଲୋକନାଥ ମିଶ୍ର)

**ବିରୋଧୀ କାଉନ୍‌ସିଲରଙ୍କୁ ସୁରକ୍ଷା ନେଇ ଏସ୍‌ପିଙ୍କୁ ଦାବିପତ୍ର**

ଚଳିତ ମାସ ୨୭ ତାରିଖ ଶୁକ୍ରବାର ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା ମରେ ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ନେଇ ଭୋଟ୍ ଗ୍ରହଣ କରାଯିବ। ଏ ପରିପ୍ରେକ୍ଷୀରେ ବିଜେଡ଼ି କାଉନ୍‌ସିଲରମାନେ ନିର୍ଦ୍ଧାରିତ ଦିନ ଓ ସମୟରେ ଏନ୍‌ଏସି କାର୍ଯ୍ୟାଳୟରେ ଉପସ୍ଥିତ ରହିବେ । ତେବେ ରାଜନୈତିକ ଅସ୍ଥିରତାକୁ ନେଇ ବିରୋଧି ବିଜେଡି କାଉନ୍‌ସିଲରମାନେ ନିଜକୁ ଅସୁରକ୍ଷିତ ମଣିବା ସହ ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି। ଏନ୍‌ଏସି ଉପାଧ୍ୟକ୍ଷ ମିହିର କୁମାର ମିଶ୍ରଙ୍କ ସମେତ ୮ଜଣ କାଉନ୍‌ସିଲର ଏ ସମ୍ପର୍କରେ ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଜୈନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ନେଇ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଗତ ୧୭ ତାରିଖରେ ପ୍ରଶାସନ ପକ୍ଷରୁ ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥ ପ୍ରସ୍ତାବ ଆଗତ କରାଯାଇଥିଲା। ବିରୋଧୀ ବିଜେଡ଼ି କାଉନ୍‌ସିଲରମାନେ ନିର୍ଦ୍ଧାରିତ ଦିନ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ହେଁ ଅନାସ୍ଥା ପ୍ରସଙ୍ଗ ନେଇ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଥିବା ଏଡ଼ିଏମ୍‌ଙ୍କ ଅନୁପସ୍ଥିତି ଯୋଗୁ କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ସେଦିନ ବାତିଲ୍ କରିଥିଲା।

## ନିଶାମୁକ୍ତ ଭାରତ ଅଭିଯାନ ରଥ ଚାଲିଲା

ଖଣ୍ଡପଡ଼ା,୨୫।୯ (ଅଜୟ କୁମାର ମହାରଣା)


ନିଶାମୁକ୍ତ ଭାରତ ଅଭିଯାନ ରଥର ପରିକ୍ରମାକୁ ଉଦ୍‌ଘାଟନ କରାଯାଉଛି।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ ସଚେତନତା ରଥ ବୁଧବାର ଠାରୁ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ପରିକ୍ରମା ଆରମ୍ଭ କରିଛି। ଖଣ୍ଡପଡ଼ାଠାରେ ଅଭିଯାନ ରଥ ପହଞ୍ଚିବା ପରେ ବ୍ରହ୍ମ କୁମାର ଓ କୁମାରୀମାନେ ରଥକୁ ସ୍ୱାଗତ କରିଥିଲେ। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୁପେ ଯୋଗ ଦେଇ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏ ଅବସରରେ ଆୟୋଜିତ ସାଧାରଣ ସଭାରେ ବ୍ରହ୍ମ କୁମାର ପ୍ରାଧ୍ୟାପକ ଡ.ଗୋପବନ୍ଧୁ ମିଶ୍ର କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିଶାଦ୍ରବ୍ୟକୁ ବାରଣ କରାଗଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ ମତ ଦେବା ସହ ଅନୁଷ୍ଠାନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଭାବେ ଖବରଦାତା ଭବାନୀ ଶଙ୍କର ସିଂହସାମନ୍ତ, ଚିତ୍ତରଞ୍ଜନ ମିଶ୍ର, ଚିତ୍ତ ରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ନବ କିଶୋର ସାହୁଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ନିଶାମୁକ୍ତ ଭାରତ ଅଭିଯାନ ରଥ ୫ଦିନ ମଧ୍ୟରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ସମସ୍ତ ଗ୍ରାମ ପରିକ୍ରମା କରି କରିବ।

## ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ହେଲା ତଦନ୍ତ

ନୟାଗଡ଼,୨୫।୯(ଲୋକନାଥ ମିଶ୍ର)

- ଛାତ୍ରୀଙ୍କ ଆନ୍ଦୋଳନ ଓ ଜିଲାପାଳଙ୍କୁ ଭେଟିବା ପରେ ପଦକ୍ଷେପ
- ବଦଳିବେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, ନିଯୁକ୍ତି ହେବେ ଅଧାପକ


ପ୍ରଶାସନିକ ଅଧିକାରୀ ପ୍ରଜାମଣ୍ଡଳ ମହାବିଦ୍ୟାଳୟର ତଦନ୍ତ କରୁଛନ୍ତି।

ବିପର୍ଯ୍ୟସ୍ତ ପାଠପଢ଼ା, ଛାତ୍ରୀଙ୍କ ଅଭିଯୋଗକୁ ଅଧ୍ୟକ୍ଷାଙ୍କ ଅଣଦେଖା, ପାନୀୟ ଜଳ ନ ମିଳିବା ପରି ବିଭିନ୍ନ ସମସ୍ୟା ନେଇ ନୟାଗଡ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ଛାତ୍ରୀ ଆନ୍ଦୋଳନ କରିବା ଓ ଜିଲାପାଳଙ୍କୁ ଭେଟିବା ପରେ ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ବୁଧବାର ଡେପୁଟି କଲେକ୍ଟର ତପତି ରାଜ, ନୟାଗଡ ତହସିଲଦାର, ନୟାଗଡ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ର ପ୍ରମୁଖ ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଅଧ୍ୟକ୍ଷା, ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କୁ ଭେଟି ଆଲୋଚନା କରିଛନ୍ତି। ତୁରନ୍ତ ଅଧାପକ ନିଯୁକ୍ତି ହେବ ବୋଲି ପ୍ରତିଶ୍ରୁତି ମିଳିଛି। ୩୦ ତାରିଖରେ ଅଧାପକଙ୍କ ସାକ୍ଷାତକାର ରହିଛି ବୋଲି କୁହାଯାଇଛି। ସେହିଭଳି ହଷ୍ଟେଲ ସୁପରିଟେଣ୍ଡଣ୍ଟ ବଦଳିବେ। ପରିଚାଳନା କମିଟି ଏନେଇ ବିଚାରବିମର୍ଶ କରି ପଦକ୍ଷେପ ନେବ। ହଷ୍ଟେଲ ଖାଦ୍ୟର ମାନ ଯାଞ୍ଚ ପାଇଁ କମିଟି ଗଠନ ହେବ। କମିଟିର ତଦାରଖ ପରେ ପଦକ୍ଷେପ ନିଆଯିବ। ଅଧ୍ୟକ୍ଷା ପ୍ରତି ମାସରେ ନେଉଥିବା ୫ ହଜାର ଟଙ୍କା ଘରଭଡାର ତଦନ୍ତ ହେବ। ଅପରପକ୍ଷେ ସୁପରିଟେଣ୍ଡଣ୍ଟ ଅଧ୍ୟକ୍ଷା ପାଟିତୁଣ୍ଡ ଓ ବାକ ଯୁଦ୍ଧ ହୋଇଥିବାର ଦେଖିବାକୁ ମିଳିଥିଲା। ସେହିଭଳି ତରବରିଆ ଭାବେ ଡିପାର୍ଟମେଣ୍ଟର କବାଟ ଲଗା ଯାଇଛି। ପୁଣି ଅକାୱାଗାର୍ଡ ଲଗା ଯାଇଛି। ହଷ୍ଟେଲ ପରିସର ସଫେଇ ହେବ ବୋଲି ନିଷ୍ପତ୍ତି ହୋଇଛି।

# ପୋଖରୀ ନିଲାମକୁ ନେଇ ବିବାଦ

## ୫ ବର୍ଷିଆ ନିଲାମ ନ ଦେଲେ ପଞ୍ଚାୟତ ଘେରାଉ ଚେତାବନୀ

ଖଣ୍ଡପଡ଼ା,୨୫।୯(ଅଜୟକୁମାର ମହାରଣା)


ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତରେ ଥିବା ପାଣୁସାହୁ ପାଟଣା ବଡପୋଖରୀକୁ ୫ ବର୍ଷିଆ ନିଲାମ ଦେବା ପାଇଁ ପାଣୁସାହୁ ପାଟଣା ଗ୍ରାମର କେତେଜଣ ବ୍ୟକ୍ତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଲିଖିତ ଭାବେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ଯଦି ଏଥିରେ ବ୍ୟତିକ୍ରମ ହୁଏ ଅକ୍ଟୋବର ୧୧ରେ ପଞ୍ଚାୟତ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସୂଚନା ଅନୁଯାୟୀ, କଣ୍ଟିଲୋ ପଞ୍ଚାୟତ ଅଧୀନ ପାଣୁସାହୁ ପାଟଣା ବାସିନ୍ଦା ଗ୍ରାମ ମୁଣ୍ଡରେ ଥିବା ବଡ଼ ପୋଖରୀକୁ ଦୀର୍ଘ ବର୍ଷ ଧରି ୩ ବର୍ଷିଆ ନିଲାମ ନେଉଥିଲେ। ସେମାନେ ପୋଖରୀର ଆବଶ୍ୟକ ରକ୍ଷଣାବେକ୍ଷଣ କରିବା ସହ ଏଥିରେ ମାଛ ଚାଷ କରୁଥିଲେ। ଏହାଦ୍ୱାରା ସେମାନେ ଅଧିକାଂଶ ସମୟରେ କ୍ଷତିଗ୍ରସ୍ତ ହେଉଥିଲେ। ତେବେ ସେମାନଙ୍କ ଲିଖିତ ଅଭିଯୋଗ କ୍ରମେ ପଞ୍ଚାୟତ କର୍ତ୍ତୃପକ୍ଷ ଉକ୍ତ ପୋଖରୀକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ଉପସ୍ଥିତିରେ ଗତ ୨୨ ତାରିଖ ଦିନ ୩ ବର୍ଷ ପରିବର୍ତ୍ତେ ୧ ବର୍ଷିଆ ନିଲାମ କରିବା ପାଇଁ କାର୍ଯ୍ୟକ୍ରମ ଜାରି ରଖିଥିଲେ। ସ୍ଥାନୀୟ ବାସିନ୍ଦା ତଥା କେତେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ୧ ବର୍ଷ ପରିବର୍ତ୍ତେ ୫ ବର୍ଷିଆ ନିଲାମ ଦେବାକୁ ଅଡି ବସିଥିଲେ। ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଯଦି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଅକ୍ଟୋବର ୧୧ରେ ପଞ୍ଚାୟତ ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କୁ ପଚାରିବାରେ ବିଧି ବ୍ୟବସ୍ଥା ଅନୁଯାୟୀ ଅନ୍ୟୁନ ୩ ଏକର ପରିମିତ ଜାଗାରେ ପଞ୍ଚାୟତ ଅଧୀନରେ ଥିବା ପୋଖରୀକୁ ଅମୃତ ସରୋବର ଯୋଜନାରେ ସାମିଲ କରାଯାଇ ଏହାର ଉନ୍ନତିକରଣ କରାଯିବାର ନିୟମ ରହିଛି। ଏଣୁ ନିୟମ ପ୍ରକାରେ ୩ ଏକରରୁ ଊର୍ଦ୍ଧ୍ୱ ପରିମିତ ଉକ୍ତ ପୋଖରୀକୁ ଏହି ଯୋଜନାରେ ସାମିଲ କରାଯାଇ ଏହାର ଉନ୍ନତିକରଣ ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଏମ୍‌ଜିଏନ୍‌ଆରଇଜିଏସ ଯୋଜନାରେ ଖର୍ଚ୍ଚ କରିବାର ବ୍ୟବସ୍ଥା ରହିଛି। ତେଣୁ ଉକ୍ତ ପୋଖରୀକୁ ୩ ବର୍ଷିଆ ନିଲାମ ଦିଆ ନ ଯାଇ ୧ ବର୍ଷିଆ ନିଲାମ ଦିଆଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଏହି ପୋଖରୀର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରିବାର ବ୍ୟବସ୍ଥା ରହିଛି ବୋଲି ସରପଞ୍ଚ ବେହେରା କହିଛନ୍ତି। ଅପରପକ୍ଷରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉକ୍ତ ପୋଖରୀକୁ ନିଲାମ ନେବା ପାଇଁ ତ୍ୟାଗ କରାଯାଇ ନାହିଁ ବୋଲି ସରପଞ୍ଚ ମଧ୍ୟ ସୂଚନା ଦେଇଥିଲେ।

ମଙ୍ଗଳବାର ପାଣୁସାହୁ ପାଟଣା ଗ୍ରାମର ପତିତପାବନା ସାହୁଙ୍କ ନେତୃତ୍ୱରେ କେତେଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ହୋହଲ୍ଲା କରିବା ସହ ସରପଞ୍ଚଙ୍କ ଅନୁପସ୍ଥିତକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେଠାରେ ଉପସ୍ଥିତ ଥିବା ନାଏବ ସରପଞ୍ଚ ପ୍ରଭାତ କୁମାର ସାହୁ ସେମାନଙ୍କ ଆଭିମୁଖ୍ୟ ସମ୍ପର୍କରେ ପଚାରିବାରୁ ତୁମେ କିଏ ବୋଲି ପ୍ରଶ୍ନ କରିଥିଲେ। ସରପଞ୍ଚ ଅସୁସ୍ଥତା ଦୃଷ୍ଟିରୁ ଅନୁପସ୍ଥିତ ଅଛନ୍ତି। ନାଏବ ସରପଞ୍ଚ ଭାବେ ତାଙ୍କର ଅନୁପସ୍ଥିତରେ ତୁମର ଅଭିଯୋଗ ଜାଣିବା ମୋର ଆବଶ୍ୟକତା ରହିଛି ବୋଲି କହିଥିଲେ। ପରେ ସ୍ଥାନୀୟ ଫାଣ୍ଡି ସହକାରୀ ଅଧିକାରୀ ମନୋରଞ୍ଜନ ପଣ୍ଡା ସେଠାରେ ପହଞ୍ଚି ଉପସ୍ଥିତ ଲୋକମାନଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ।

# କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କ କାର୍ଯ୍ୟବନ୍ଦ ଚେତାବନୀ

ନୂଆଗାଁ,୨୫।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ୬ କମ୍ୟୁନିଟି ସପୋର୍ଟ ଷ୍ଟାଫଙ୍କୁ ଦୀର୍ଘ ମାସ ହେଲା ଦରମା ନ ମିଳିବାରୁ ସେମାନେ କାର୍ଯ୍ୟ ବନ୍ଦ କରିବା ପାଇଁ ବୁଧବାର ନୂଆଗାଁ ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ନୂଆଗାଁ ବ୍ଲକର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଯଥା ଏମ୍‌ବିକେ , ସିଆରପି , ସିଏମ୍ , ବ୍ୟାଙ୍କ ମିତ୍ର କୃଷିମିତ୍ର , ପ୍ରାଣୀମିତ୍ର , ଏଲଏସ୍‌ପିଙ୍କ ଦାବି ମୁତାବକ ସେମାନେ ଦୀର୍ଘ ୧୨ ବର୍ଷ ଧରି ସରକାରଙ୍କ ପ୍ରତିଟି ଯୋଜନାକୁ ତୃଣମୂଳସ୍ତରରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ସରକାରଙ୍କୁ ପ୍ରତି କ୍ଷେତ୍ରରେ ସହଯୋଗ କରିଆସୁଛନ୍ତି। କିନ୍ତୁ ସେମାନଙ୍କୁ ଅଧିକ ପାରିଶ୍ରମିକ ଦେବା ପାଇଁ ପୂର୍ବ ସରକାର କହିଥିବା ବେଳେ ଦୀର୍ଘ ୬ ମାସ ହେଲା ସେମାନଙ୍କୁ ଦରମା ଦିଆଯାଇ ନାହିଁ। ତେଣୁ ସେମାନଙ୍କ ପ୍ରାପ୍ୟ ନ ମିଳିବା ଯାଏ ସେମାନେ ତା୨୫।୯।୨୪ରିଖରୁ କାର୍ଯ୍ୟ କରିବେ ନାହିଁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ନୂଆଗାଁ ବ୍ଲକସ୍ତରୀୟ ଗ୍ରାମ ପଞ୍ଚାୟତ ଲେବେଲ ଜିପିଏଲଏଫ୍ ସଂଘ ସଭାପତି ଶୈଳ ସାହୁ , ସମ୍ପାଦକ ଝୁନୁଲତା ନାୟକ , ବାସନ୍ତୀ ପଡ଼ିହାରୀ , ତଅପୋଇ ସେଠୀ , ପୁଷ୍ପଲତା ପଧାନ , ସୁମିତ୍ରା ନାଥ , ଦୀପାଞ୍ଜଳି ସାହୁ , ସୁବାସିନୀ ସାହୁଙ୍କ ସମେତ ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ଏକତ୍ରୀତ ହୋଇ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ସଭାପତି ସାହୁ କହିଛନ୍ତି। ଉକ୍ତ ଦାବିପତ୍ର ବାବଦରେ ଜିଲାପାଳଙ୍କୁ ଜଣାଇବି ବୋଲି ବିଡିଓ ନାୟକ କହିଛନ୍ତି।


ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କିରାଣିଙ୍କୁ କାର୍ଯ୍ୟଚ୍ୟୁତ କଲେ ଡିଇଓ

## ଫେଷ୍ଟିଭାଲ ଆଡଭାନ୍ସ ପାଇଁ ଟଙ୍କା ଆଦାୟ ଘଟଣା

ନୂଆଗାଁ,୨୫।୯(ଧନେଶ୍ୱର ସାହୁ)


DISTRICT EDUCATION OFFICE,NAYAGARH.

Office Order No. ____ /Dt. ____

District Education Officer
Nayagarh.

Memo No. ____ /Dt. ____

District Education Officer
Nayagarh.

Memo No. ____ /Dt. ____

District Education Officer
Nayagarh.

Memo No. ____ /Dt. ____

District Education Officer
Nayagarh.

କିରାଣିଙ୍କୁ କାର୍ଯ୍ୟଚ୍ୟୁତ ନୋଟିସ ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷକମାନଙ୍କ ଫେଷ୍ଟଭାଲ ଆଡଭାନ୍ସ ଟଙ୍କା ପାଇଁ ପ୍ରତି ଆବେଦନକାରୀଙ୍କଠାରୁ ୧୦୦ ଟଙ୍କା ଲେଖାଏଁ ଆଦାୟ କରାଯାଉଥିଲା। ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ମଙ୍ଗଳବାର ସଂପୃକ୍ତ କନିଷ୍ଠ ସହାୟକ କିରାଣିଙ୍କୁ ନୟାଗଡ଼ ଜିଲା ଶିକ୍ଷାଧିକାରୀ କାର୍ଯ୍ୟଚ୍ୟୁତ କରିଛନ୍ତି।

ଶିକ୍ଷା ବିଭାଗ ଶିକ୍ଷକମାନଙ୍କୁ ଫେଷ୍ଟିଭାଲ ଆଡଭାନ୍ସ ସ୍କିମ ମାଧ୍ୟମରେ ଦଶହରା ପୂର୍ବରୁ ଆଗୁଆ ଟଙ୍କା ଦେବାର ବ୍ୟବସ୍ଥା କରିଛନ୍ତି। ଫେଷ୍ଟିଭାଲ ଆଡଭାନ୍ସ ସ୍କିମରେ ଦଶହରା ପାଇଁ ଆଗୁଆ ଟଙ୍କା ନେବାକୁ ଚାହୁଁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ୨୦ ହଜାର ଟଙ୍କା ଦିଆଯାଉଛି। ଉକ୍ତ ଟଙ୍କାକୁ ସେମାନେ କିସ୍ତି ଅନୁସାରେ ଶୁଝିବେ। ପ୍ରତି କିସ୍ତିରେ ୨ ହଜାର ଲେଖାଏଁ ଦେଇ ୧୦ ଗୋଟି କିସ୍ତିରେ ସମସ୍ତ ଟଙ୍କା ପରିଶୋଧ କରିବାକୁ ପଡିବ। ଆଗୁଆ ନେଇ ଥିବା ଟଙ୍କା ପାଇଁ କୌଣସି ସୁଧ ଦେବାକୁ ପଡିବ ନାହିଁ। ତେଣୁ ଏଥିପ୍ରତି ଆଗ୍ରହ ପ୍ରକାଶ କରି ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଆବେଦନ କରୁଛନ୍ତି। ଏହାର ସୁଯୋଗରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ ସହାୟକ କିରାଣୀ ସୁଧାଂଶୁ ଶେଖର ପଣ୍ଡା ଆବେଦନ କରୁଥିବା ଶିକ୍ଷକଙ୍କଠାରୁ ଜଣ ପିଛା ୧୦୦ ଟଙ୍କା ଆଦାୟ କରୁଥିବା ନେଇ ଶିକ୍ଷକମାନେ ଅଭିଯୋଗ କରିଥିଲେ। ଏକ ଭିଡିଓରୁ କନିଷ୍ଠ ସହାୟକ ପଣ୍ଡା ଜଣକ ଶିକ୍ଷକମାନଙ୍କଠାରୁ ଟଙ୍କା ନେଉଥିବା କଥା ସ୍ପଷ୍ଟ ଜଣାପଡୁଥିଲା। ଉକ୍ତ ଘଟଣା ବାବଦରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ସଂପୃକ୍ତ କନିଷ୍ଠ ସହାୟକ ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଘଟଣା ବାବଦରେ ସୋମବାର ଶିକ୍ଷକ ସଂଘ କର୍ମକର୍ତ୍ତା , ବ୍ଲକ ଶିକ୍ଷାଧିକାରୀ ଓ ସଂପୃକ୍ତ କନିଷ୍ଠ ସହାୟକଙ୍କ ମଧ୍ୟରେ ଆଲୋଚନା ହେବାରେ ସଂପୃକ୍ତ କିରାଣୀ ବେଆଇନ ଭାବେ ଟଙ୍କା ଆଦାୟ କରିଛନ୍ତି। ତେଣୁ ୩୫ ଜଣ ଶିକ୍ଷକଙ୍କଠାରୁ ଆଦାୟ କରିଥିବା ଟଙ୍କା ଫେରସ୍ତ କରିଦେବେ ପଣ୍ଡା ବୋଲି କହିଥିଲେ। ଉକ୍ତ ଘଟଣାକୁ ଗୁରୁତର ସହ ନେଇ ଜିଲା ଶିକ୍ଷାଧିକାରୀ ସମ୍ପୃକ୍ତ କନିଷ୍ଠ ସହାୟକ କିରାଣୀ ପଣ୍ଡାଙ୍କୁ ଜିଲା ଶିକ୍ଷା କାର୍ଯ୍ୟାଳୟର ତା ୨୪।୯।୨୦୨୪ ରିଖ ଚିଠିନଂ.୮୨୬୪ ରେ କାର୍ଯ୍ୟଚ୍ୟୁତ କରାଯାଇଥିବା ନେଇ ନୋଟିସ ହୋଇଛି। ତେବେ ଶିକ୍ଷା କାର୍ଯ୍ୟାଳୟର ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସମ୍ପୃକ୍ତ କିରାଣି ନୂଆଗାଁ ବ୍ଲକ ବେରୁହାଁବାରୀ ଗ୍ରାମ ପଞ୍ଚାୟତ ହାଇସ୍କୁଲରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

# ଶିକ୍ଷକ ପ୍ରଶିକ୍ଷଣ ଉଦ୍‌ଯାପିତ

ଶରଣକୁଳ,୨୫।୯(ଦୀପକ କର)


ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ।

ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଓଡଗାଁ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ବଡଗୋରଡା ଆଙ୍ଗିସିଙ୍ଗି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ତ୍ରି ଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ସୋମବାରଠାରୁ ଆରମ୍ଭ ହୋଇ ବୁଧବାର ଉଦଯାପିତ ହୋଇଯାଇଛି । ଆଙ୍ଗିସିଙ୍ଗି, ଗୋଡିପଡା, ଭାଲିଆଡ଼ିହି, ବଡ଼କୁରୁଣି, ଶରଣକୁଳ, କଲ୍ୟାଣପୁର ଓ ସୋଲପଟା କ୍ଲଷ୍ଟରର ୫୦ଜଣ ଶିକ୍ଷକଙ୍କୁ ନେଇ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ରାଜେଶ କୁମାର ଷଡ଼ଙ୍ଗୀ, ରାଜସିଂ ବେହେରା, ବିଜୟ କୁମାର ପୃଷ୍ଟି ଓ ଯୋଗେନ୍ଦ୍ର ବେହେରା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇ ଶିକ୍ଷକମାନଙ୍କୁ ବିଦ୍ୟାଳୟ ଶିକ୍ଷାରେ ଛାତ୍ରୀଛାତ୍ରମାନଙ୍କ ଦଳଗତ କାର୍ଯ୍ୟଧାରା, ନେତୃତ୍ୱ ନେବା, ଦାୟିତ୍ୱ ବୋଧତା, ଆତ୍ମ ବିଶ୍ୱାସ, କର୍ତ୍ତବ୍ୟ ପରାୟଣତା, ଲିଙ୍ଗ ଗତ ପ୍ରଭେଦତା ଦୂରୀକରଣ, ଅନ୍ତର୍ନିବେଶି ଶିକ୍ଷା, ବର୍ଣ୍ଣାଳୀ ଓ ଏନଏଏସ ପ୍ରଶ୍ନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ତାଲିମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ବିଶ୍ୱାଳ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ।

# ୪୦ ୟୁନିଟ୍ ରକ୍ତ ସଂଗ୍ରହ

ନୟାଗଡ଼,୨୫।୯(ଲୋକନାଥ ମିଶ୍ର)

ଶରଣକୁଳ ଥାନା ଗୋଡିସାହିସ୍ଥିତ ବିବେକାନନ୍ଦ କ୍ଲବରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସାମାଜିକ କର୍ମୀ ଦାମୋଦର ସାହୁ ଏବଂ ବଳରାମ ମାର୍ଥା, ଶିକ୍ଷାବିତ୍ ଦିବାକର ନାୟକ, ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା ଏବଂ ବିବେକାନନ୍ଦ କ୍ଲବ ସଭାପତି ମନୋରଞ୍ଜନ ମାର୍ଥା, ଯୁବ ନେତା ଚିତ୍ତରଞ୍ଜନ ନାୟକଙ୍କ ସହ ସ୍ୱାମୀ ବିବେକାନନ୍ଦ ୟୁଥ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଓଡ଼ଗାଁ,୨୫।୯
(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ଥାନା ତଥା ଓଡ଼ଗାଁ ଏନଏସି ଅନ୍ତର୍ଗତ ଦଳକ ଛକ ଗୟଳ ସିଂହ ମନ୍ଦିର ପଛପାଖ ପୋଖରୀରୁ ବୁଧବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଦଳକ ସାହିର କିଶୋର ନାୟକ(୬୦)। ମଙ୍ଗଳବାର ରାତିରେ କିଶୋର ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ସ୍ଥାନ ଖୋଜି ଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଶୌଚ ସମୟରେ କାଳେ ସେ ପୋଖରୀରେ ବୁଡିଯାଇଥିବେ ସନ୍ଦେହ କରି ପରିବାର ଲୋକେ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପାଣିରେ ବୁଡ଼ି ରହିଥିବା କିଶୋରର ମୃତ ଦେହକୁ ଉଦ୍ଧାର କରିଥିଲେ। ଏହାପରେ ମୃତଦେହକୁ ଓଡ଼ଗାଁ ଡାକ୍ତରଖାନା ପଠାଇଥିଲେ। ଡାକ୍ତର କିଶୋରଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

# ଲେବଲ ଜିପିଏଲ୍‌ଏଫ୍ କର୍ମୀ ସଂଘର କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଦଶପଲ୍ଲା,୨୫।୯
( ପ୍ରକାଶ କୁମାର ପାଣି )

୬ କମ୍ୟୁନିଟ ସପୋର୍ଟ ଷ୍ଟାଫଙ୍କର ଦୀର୍ଘଦିନ ଧରି ପାରିଶ୍ରମିକ ଆସୁ ନ ଥିବାରୁ ତୃଣମୂଳସ୍ତରରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ବୁଧବାରଠାରୁ ଆରମ୍ଭ ହୋଇଛି । ଏ ସମ୍ପର୍କରେ ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟଠାରେ ସେମାନେ ସମବେତ ହୋଇ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି, ବିଭିନ୍ନ ଗ୍ରାମ ପଞ୍ଚାୟତରେ କାର୍ଯ୍ୟ କରୁଥିବା ୬ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ଗତ ୧୭ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ସରକାରଙ୍କ ସମସ୍ତ ଯୋଜନାରେ କାମ କରି ଆସୁଛନ୍ତି । କିନ୍ତୁ ପରିତାପର ବିଷୟ ଗତ ୬ ମାସ ହେଲା ଆମେ ଉପରୋକ୍ତ ଅଧିକାରୀଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛୁ। ବିଭାଗୀୟ ମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ପତ୍ର ଦାଖଲ କରିବା ସତ୍ତ୍ୱେ ଏ ବାବଦରେ ଅଦ୍ୟାବଧି କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଦାବି ପୂରଣ ପର୍ଯ୍ୟନ୍ତ ଏହି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚାଲୁରହିଛି ବୋଲି ସେମାନେ ସୂଚନା ଦେଇଛନ୍ତି । ଦଶପଲ୍ଲା ବ୍ଲକ ସଂଘର ସଭାନେତ୍ରୀ ସୁରେଖା ମଞ୍ଜରୀ ପଟ୍ଟନାୟକ ଏବଂ ସମ୍ପାଦିକା ଭାଗ୍ୟ ଲକ୍ଷ୍ମୀ ପାତ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା ।


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଜିପିଏଲଏଫ୍ କର୍ମୀସଂଘର ସଦସ୍ୟାମାନେ।

# ସାହିତ୍ୟିକ ହରିହର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

## ଅଧ୍ୟାପନରୁ ଅଭିନୟ ତାଙ୍କୁ ମନେ ପକାଇବ

ନୟାଗଡ଼,୨୫।୯(ଲୋକନାଥ ମିଶ୍ର)


ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି।

ନୟାଗଡ଼ ଜିଲା ଲେଖକ ପରିଷଦର ପ୍ରତିଷ୍ଠାତା ସଭାପତି, ବିଶିଷ୍ଟ ଶିକ୍ଷାବିତ୍ କବି, ନାଟ୍ୟକାର, ଉପନ୍ୟାସିକ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତି ହରିହର ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ନୟାଗଡ଼ ଉପକଣ୍ଠ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । ପୁରୀ ମାର୍କେଣ୍ଡେୟ ସାହିର ହରିହରଙ୍କ ସାହିତ୍ୟ ପ୍ରତି ଥିବା ଅବଦାନ ଭୁଲି ହେବନି ବୋଲି ବକ୍ତାମାନେ କହିଥିଲେ। ନୟାଗଡ଼ ଜିଲା ଲେଖକ ପରିଷଦ ସମ୍ପାଦକ ଶେଖ ଅବଦୁଲ ଖାଲିକଙ୍କ ଆବାହକତ୍ୱ ଓ ଜିଲା ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଟ୍ୟଧାରାର ସଭାପତି ନାଟ୍ୟଭୂଷଣ ବିଜୟ କୁମାର ଚୌଧୁରୀ, ନୟାଗଡ଼ ସାହିତ୍ୟ କଳା ସଂସ୍କୃତି ପରିଷଦର ସଭାପତି ପ୍ରମୋଦ ପଟ୍ଟନାୟକ, ସୁସାହିତ୍ୟିକା ତଥା ତଥାସ୍ତୁର ସଭାନେତ୍ରୀ ବସିରନ ବିବି ଓ ତୃତୀୟ ନୟନର ସମ୍ପାଦକ ନାଟ୍ୟକାର ବିଶନାଥ ମହାପାତ୍ର ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେହିଭଳି ନିଃସ୍ୱାର୍ଥର ସମ୍ପାଦକ ଅରୁଣ ମହାନ୍ତି, ମୈତ୍ରୀ ଯୁବ ସଂସଦ ସମ୍ପାଦକ ପ୍ରଦୀପ କୁମାର୍ ସାହୁ, ସୁଧା ସାଂସ୍କୃତିକ ଅନୁଷ୍ଠାନର ଆବାହକ ଆଶୁତୋଷ ମିଶ୍ର, ସାମାଜିକ କର୍ମୀ ଦାମୋଦର ସାହୁ, ଅଞ୍ଜନା ସାହିତ୍ୟ ସଂସଦର ସମ୍ପାଦିକା ଗୀତାଞ୍ଜଳି ମହାପାତ୍ର, ପରମ୍ପରା ସମ୍ପାଦକ ନିର୍ମଳ ଚନ୍ଦ୍ର ଶୂରଦେଓ, କଳା ସାହିତ୍ୟ ସଂସ୍କୃତି ସଂସଦର ଉପସଭାନେତ୍ରୀ ନୀଳିମା ନନ୍ଦ, ମା ଫାଉଣ୍ଡେସନ ର ଆବାହକ ରଞ୍ଜନ ରଶ୍ମୀ ଜେନା , ଆର୍ଟ ପଏଣ୍ଟ ସମ୍ପାଦକ ବିଜୟାନନ୍ଦ ମହାପାତ୍ର ଓ ଭାରତ ବିକାଶ ପରିଷଦର ସଚିବ ଅନାଦି ଚରଣ ମହାନ୍ତି ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ସେହିଭଳି ସାହିତ୍ୟିକ ଗୋଦାବରୀଶ ମିଶ୍ର, କୈଳାସ ବାଣ୍ଟ, ବାନାମ୍ବର ପୃଷ୍ଟି, ଆଇନଜୀବୀ ରଞ୍ଜିତ ଦାଶ, ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଝୁମୁରୀ ସାହୁ, କବି କମଳ ଦାସ, ସରୋଜ ସାହୁ, ସଂଘମିତ୍ରା ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ନାୟକ, ଲକ୍ଷ୍ମୀପ୍ରିୟା ଦାସ, ବ୍ୟଙ୍ଗକବି ଘରବୁଡ଼ା ପ୍ରତାପ ସାହୁ, ମଞ୍ଚକଳାକାର ଦେବେନ୍ଦ୍ର ପରମଗୁରୁ, ନିରଞ୍ଜନ ମିଶ୍ର, କବି ଗୋପୀନାଥ ପରିଡ଼ା ପ୍ରମୁଖ ସ୍ମୃତିଚାରଣ କରିଥିଲେ। କବି ଶେଖ ଅବଦୁଲ ଖାଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ମୈତ୍ରୀ ସମ୍ପାଦକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅଙ୍କିତ


@ ବିଦେଶୀ


@ ତପନ


@ ନିଝରୀ


@ ଶୁଭଶ୍ରୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

